DHARITRI

March 30 - April 5, 2025 ₹ 2/-


51 Years

# ଆମେ ଓଡ଼ିଆ
# ଆମ ଭାଷା ଓଡ଼ିଆ

ପ୍ରଚ୍ଛଦ ପ୍ରସଙ୍ଗ

୩

ଭାଷା ହିଁ ଗୋଟିଏ ଜାତିର ଆତ୍ମପରିଚୟ । ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତେ ମାର୍ଜିତ ଓ ସମୃଦ୍ଧ । ଯାହାକୁ ଗୁରୁତ୍ୱ ଦେଇଥିଲେ ଓଡ଼ିଶାର ବରପୁତ୍ରମାନେ। ଆଉ ଆଜି ବି କେତୋଟି ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଓଡ଼ିଆଭାଷାର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି ...



# ଗୋଲାପ ଫୁଲର ବାସ୍ତୁ ମହତ୍ତ୍ୱ

**ପ୍ରେମର ପ୍ରତୀକ କୁହାଯାଉଥିବା ଗୋଲାପ ଫୁଲ ବି ଘରକୁ ସୁଖସମୃଦ୍ଧି ଆଣିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ତେବେ ଗୋଲାପ ଫୁଲ ସହ ବାସ୍ତୁର କ'ଣ ସବୁ ସମ୍ପର୍କ ରହିଛି ଜାଣନ୍ତୁ ସେ ସମ୍ପର୍କରେ...**

✻ ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଗୋଲାପ ଗଛ ଲଗାଇବା ଶୁଭ ହୋଇଥାଏ। ବିଶେଷକରି ନାଲି ରଙ୍ଗର ଗୋଲାପ ଫୁଲ ପାଇଁ ଏହି ଦିଗ ସର୍ବୋତ୍ତମ। କୁହାଯାଏ, ଏହି ଦିଗରେ ଗୋଲାପ ଗଛ ରହିଲେ ଘରର ମୁଖିଆଙ୍କର ସାମାଜିକ ପ୍ରତିଷ୍ଠା ବଢିଥାଏ।



✻ ଜ୍ୟୋତିଷ ତଥା ଧର୍ମଶାସ୍ତ୍ରର ମତାନୁସାରେ, ଯଦି ପାରିବାରିକ ସମସ୍ୟା ଲାଗି ରହୁଥାଏ, ତା'ହେଲେ ଶୁକ୍ରବାର ଦିନ ମାତା ଲକ୍ଷ୍ମୀଙ୍କୁ ନାଲି ଗୋଲାପ ଅର୍ପଣ କରିବା ଦ୍ୱାରା ପରିବାରରେ ଶାନ୍ତି ବଜାୟ ରହିବା ସହ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ।

✻ ଯେଉଁ ବ୍ୟକ୍ତିଙ୍କର ବୈବାହିକ ଜୀବନରେ ବାରମ୍ବାର ସମସ୍ୟା ଦେଖାଯାଉଥାଏ, ସେମାନେ କାଚ ବାଉଲ୍‌ରେ ପାଣି ସହିତ କିଛି ଗୋଲାପ ଫୁଲର ପାଖୁଡ଼ାକୁ ଭର୍ତ୍ତି କରି ରଖିବେ। ଆଉ ପ୍ରତିଦିନ ବାଉଲ୍‌ରେ ଥିବା ପାଣି ଓ ଗୋଲାପ ଫୁଲର ପାଖୁଡ଼ାକୁ ମଧ୍ୟ ବଦଳାଉଥିବେ। ଏମିତି କିଛିଦିନ କଲେ ସମ୍ପର୍କରେ ନିବିଡ଼ତା ଆସୁଥିବାର ଲକ୍ଷ୍ୟ କରିପାରିବେ।

✻ ପ୍ରତିଦିନ ସନ୍ଧ୍ୟା ଦେବାବେଳେ ମାତା ଲକ୍ଷ୍ମୀଙ୍କ ଚରଣରେ ଗୋଲାପ ଫୁଲ ଅର୍ପଣ କଲେ ଅଥବା ଶୁକ୍ରବାର ଦିନ ପାଞ୍ଚଟି ଗୋଲାପ ଫୁଲର ପାଖୁଡ଼ାକୁ ପାନପତ୍ରରେ ରଖି ମାତା ଦୁର୍ଗାଙ୍କୁ ଅର୍ପଣ କଲେ ଘରେ କୁଆଡ଼େ ଧନଧାନ୍ୟ ବୃଦ୍ଧି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୩୦ - ଏପ୍ରିଲ୍ ୫

**ମେଷ**
କାର୍ଯ୍ୟ ବ୍ୟସ୍ତ ରହିବେ, ବୈଷୟିକ ଅଭିବୃଦ୍ଧି, ପାରିବାରିକ ସଦ୍‌ଭାବ, ନୂତନ ବନ୍ଧୁ ସମ୍ପର୍କ, ତିକ୍ତତାର ସମାପ୍ତି, ଭ୍ରମଣ ହେତୁକ କ୍ଳାନ୍ତି, ଭ୍ରାତୃ ସମ୍ପର୍କର ଅବନତି, ଯାତ୍ରାରେ ସଫଳତା, ମୂଲ୍ୟବାନ ଦ୍ରବ୍ୟ କ୍ରୟ ॥

**ବୃଷ**
କାମରେ ଅସଫଳତା, ମନୋବଳ ହ୍ରାସ, ପରିବାରରେ କଳହ, ଯାନ ବାହନରେ ତ୍ରୁଟି, ନିର୍ମାଣର ଶେଷ ପର୍ଯ୍ୟାୟ, ଧାର କରଜ କରିବେ, ବାଣିଜ୍ୟ ବ୍ୟବସାୟରେ ଉନ୍ନତି, କଳାରେ ଉତ୍କର୍ଷତା, ସମସ୍ୟା ସମାଧାନ, ବିବାଦୀୟ ପରିସ୍ଥିତି, ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ॥

**ମିଥୁନ**
ମାନସିକ ଦ୍ୱନ୍ଦ୍ୱ, କର୍ମକ୍ଷେତ୍ରରେ ସମ୍ମାନ, ସଙ୍ଗଦୋଷରୁ ସମାଲୋଚନା, ବାଣିଜ୍ୟରେ ଉନ୍ନତି, ଅତିଥିସେବାର ସୁଯୋଗ, ବାଦବିବାଦର ଜଟିଳତା, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, କ୍ରୀଡାରେ ସଫଳତା, ନିଯୁକ୍ତି ଖବର, ଦୂରଯାତ୍ରାର ଯୋଜନା ॥

**କର୍କଟ**
ଆର୍ଥିକ ଅଭିବୃଦ୍ଧି, ନୂତନ କର୍ମାରମ୍ଭ, ସଭାସମିତିକୁ ଆହ୍ୱାନ, ବୈବାହିକ ସମ୍ପର୍କ, ମାଙ୍ଗଳିକ କର୍ମାଲୋଚନା, ଶିକ୍ଷାରେ ସଫଳତା, ମିଥ୍ୟା ଗୁଜବ, ମନ ବିଚଳିତ ରହିବ, ମକଦ୍ଦମାରେ ବାଇଦା, ଉଚ୍ଚସ୍ତରରୁ ସମ୍ମାନ ॥

**ସିଂହ**
ଶାରୀରିକ ସୁସ୍ଥତା, ଆର୍ଥିକ ଦୂରବସ୍ଥା, ପଡୋଶୀଙ୍କ ସମାଲୋଚନା, ଶିଳ୍ପବାଣିଜ୍ୟରେ ଉନ୍ନତି, ପିଲାଙ୍କ ସ୍ୱାସ୍ଥ୍ୟସମସ୍ୟା, ବ୍ୟୟବହୁଳ ଶିକ୍ଷା, ନୂତନ ନିଯୁକ୍ତି ସୁଯୋଗ, ବିବାଦୀୟ ପରିସ୍ଥିତି, କରଜଦାତାଙ୍କ ଚାପ, ଧର୍ମକାର୍ଯ୍ୟ କରିବେ ॥

**କନ୍ୟା**
କର୍ମକ୍ଷେତ୍ରରେ ବିବାଦ, ବନ୍ଧୁଙ୍କ ସହାୟତା, କାରବାରରେ ଉନ୍ନତି, ଭାବପ୍ରବଣତା, ଆର୍ଥିକ ସମସ୍ୟା, ମାନସିକ ବିଷାଦ, କାର୍ଯ୍ୟରେ ସଫଳତା, ଦୁଃସାହସିକ ପଦକ୍ଷେପ, ବିଭିନ୍ନ ସୂତ୍ରରୁ ରୋଜଗାର, ପଦମର୍ଯ୍ୟାଦା ବୃଦ୍ଧି, ମକଦ୍ଦମାରୁ ଦୁଃଶ୍ଚିନ୍ତା ॥

**ତୁଳା**
ଚେଷ୍ଟାସଫଳ ହେବ, କ୍ଳାନ୍ତିବୋଧ କରିବେ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ବ୍ୟୟ ବରାଦ କରିବେ, ସମସ୍ୟାର ମୁକାବିଲା, ପ୍ରତିଯୋଗୀତାରେ ସଫଳତା, ସାଂସ୍କୃତିକ କାର୍ଯ୍ୟକ୍ରମ, ସତ୍‌ସଙ୍ଗର ସୁଯୋଗ ॥

**ବିଛା**
କର୍ମକ୍ଷେତ୍ରରେ ସମ୍ମାନ, ଆଶାପୂରଣ ହେବ, ସ୍ଥଗିତ କର୍ମାରମ୍ଭ, ନିଃସଙ୍ଗତା ବୋଧ, ବନ୍ଧୁ ପ୍ରସ୍ତାବ ଆସିବ, ଚୁକ୍ତିପତ୍ର ସ୍ୱାକ୍ଷରିତ, ପାରିବାରିକ ଅସହଯୋଗ, ନୈରାଶ୍ୟଜନିତ ଦୁଃଖ, ଯୋଗଶିକ୍ଷାରେ ରୁଚି, ଗୃହସୀମା ବିବାଦ, କ୍ରନିକ୍ ରୋଗରେ ପୀଡା ॥


**ଧନୁ**
ନୂତନ ଯୋଜନାରମ୍ଭ, ସରକାରୀ ସହାୟତା, ସହକର୍ମୀଙ୍କ ସୁପରାମର୍ଶ, ସ୍ୱଜନ ଶତ୍ରୁତା, ସନ୍ତାନଙ୍କ ବିଶୃଙ୍ଖଳା, ଋଣ ପରିଶୋଧ, ବନ୍ଧୁଙ୍କୁ ଭେଟିପାରନ୍ତି, କାମରେ ଅବହେଳା, ମାନସିକ ଅସ୍ଥିରତା, ସଙ୍ଗଦୋଷରୁ ସମାଲୋଚନା, ସଭାସମିତିକୁ ନିମନ୍ତ୍ରଣ ॥

**ମକର**
ପରିସ୍ଥିତିରେ ସାମ୍ୟତା, ପଡୋଶୀଙ୍କ ପରାମର୍ଶ, ବନ୍ଧୁଙ୍କ ସାହାଯ୍ୟ, କାର୍ଯ୍ୟ ତ୍ୱରାନ୍ୱିତ ହେବ, ସମ୍ପର୍କ ବୃଦ୍ଧି ପାଇବ, ଶୁଭଖବର ପାଇବେ, ଏଜେନ୍ସିପ୍ ବଢିବ, କାମ ଅସମ୍ପୂର୍ଣ୍ଣ ରହିବ, ଆଶଙ୍କା ବୃଦ୍ଧି ପାଇବ, ବିଦେଶଯାତ୍ରାର ସୁଯୋଗ ॥

**କୁମ୍ଭ**
ଅନୁକୂଳ ପରିବେଶ, କାମରେ ଅଗ୍ରଗତି, ବିବାଦର ଅବସାନ, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ଅସହଯୋଗ, ଧର୍ମକାର୍ଯ୍ୟରେ ନିୟୋଜିତ, ଆଶଙ୍କା ଦୂର ହେବ, ଯାତ୍ରାରେ ଲକ୍ଷ୍ୟପୂରଣ, ନିର୍ମାଣ ତ୍ୱରାନ୍ୱିତ, ପ୍ରତୀକ୍ଷିତ ଖବର ପ୍ରାପ୍ତି, ସାହିତ୍ୟ ସଙ୍ଗୀତରୁ ପ୍ରଶଂସା ॥

**ମୀନ**
ପ୍ରତିକୂଳତା ଦୂର ହେବ, ଉପରିସ୍ଥଙ୍କ ଅନୁକମ୍ପା, ପରିସ୍ଥିତି ବଦଳିଯିବ, ମାନସିକ ଚାପ କମିବ, ବୁଝାମଣାରେ ବ୍ୟତିକ୍ରମ, ପ୍ରତ୍ୟୁଷ ଯାତ୍ରାରେ ସଫଳତା, ପ୍ରାପ୍ୟଧନରେ ବାଧା, ପ୍ରତୀକ୍ଷିତ ଖବର ପାଇବେ, ପକ୍ଷପାତିତାକୁ ନାପସନ୍ଦ, କାମ ଅଟକିବ ନାହିଁ, ବନ୍ଧୁଙ୍କ ଅନାଦର ॥

# ୱିଣ୍ଡ ଚାଇମ୍ ଲଗାଉଥିଲେ...



**ୱିଣ୍ଡ ଚାଇମ୍ କେବଳ ଘରର ଶୋଭା ବଢାଏ ନାହିଁ ଏହା ଅନେକ ବାସ୍ତୁଦୋଷକୁ ବି ଠିକ୍ କରିଥାଏ ବୋଲି ବିଶ୍ୱାସ ରହିଛି। ତେବେ କେଉଁ କଲର୍‌ର ୱିଣ୍ଡ ଚାଇମ୍ ଘରର କି ଉପକାର କରିଥାଏ, ଜାଣନ୍ତୁ ସେ ସମ୍ପର୍କରେ...**

ବାସ୍ତୁଶାସ୍ତ୍ର ଅନୁଯାୟୀ, ଯଦି ସିଲଭର୍ କଲର୍‌ର ୱିଣ୍ଡ ଚାଇମ୍‌କୁ ଘରର ପଶ୍ଚିମ କିମ୍ବା ଉତ୍ତର ଦିଗରେ ଟାଙ୍ଗି ଦିଆଯାଏ, ତା'ହେଲେ ଏହା ପିଲାଙ୍କ ପାଇଁ ସୌଭାଗ୍ୟ ଆଣିବା ସହ ଘରର ମାନ ସମ୍ମାନ ବଢାଇବାରେ ସହାୟକ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ନାରଙ୍ଗୀ ରଙ୍ଗର ୱିଣ୍ଡ ଚାଇମ୍ ଘରକୁ ସୌଭାଗ୍ୟ ଆଣିଥାଏ। ପରିବାରରେ ହସଖୁସିର ମାହୋଲ ଭରିଦେବାରେ ବି ଏହା ଅନେକ ସାହାଯ୍ୟ କରିଥାଏ ବୋଲି ମାନ୍ୟତା ରହିଛି। ଏହାକୁ ପ୍ରବେଶ ଦ୍ୱାରରେ ଲଗାଇବା ଶୁଭ ହୋଇଥାଏ। ସୁଖସମୃଦ୍ଧିର ପ୍ରତୀକ ଭାବେ ଗୋଲ୍ଡେନ୍ କଲର୍‌ର ୱିଣ୍ଡ ଚାଇମ୍‌କୁ ଘରର ପ୍ରବେଶ ଦ୍ୱାର ହେଉ ଅଥବା ଠାକୁର ଘରେ ମଧ୍ୟ ଟାଙ୍ଗି ପାରିବେ। ବାଉଁଶରେ ତିଆରି ୱିଣ୍ଡ ଚାଇମ୍ ବି ଘରକୁ ନିଆରା ଆକର୍ଷଣ ଦେଇଥାଏ। ତା'ସହିତ ଏହା ଘରେ ସକାରାତ୍ମକ ଊର୍ଜାକୁ ବୃଦ୍ଧି କରିବାରେ ବି ବିଶେଷ ସହାୟକ ହୋଇଥାଏ। ଏଭିଲ୍ ଆଇ ୱିଣ୍ଡ ଚାଇମ୍ ବି ଘରର ଅନେକ ଉପକାର କରିଥାଏ। ଘରକୁ ପ୍ରବେଶ କରୁଥିବା ନକାରାତ୍ମକ ଶକ୍ତିକୁ ଏହା ରୋକିବା ସହ ଘରର ଉନ୍ନତି ପଥରେ ଏହା ସାହାଯ୍ୟ କରିଥାଏ। ତେବେ ଏହି ଟାଇପ୍‌ର ୱିଣ୍ଡ ଚାଇମ୍‌କୁ ଘରର ପ୍ରବେଶ ଦ୍ୱାରରେ ଟଙ୍ଗାଇବା ଅତ୍ୟନ୍ତ ଶୁଭ ହୋଇଥାଏ।

# ପାଠକୀୟ

✻ ଛୁଟିଦିନର ମୁଁ ଜଣେ ନିୟମିତ ପାଠକ। ପ୍ରତିଥରର ଏହାର ପ୍ରଚ୍ଛଦ ପ୍ରସଙ୍ଗ ମୋତେ ଭାରୀ ନିଆରା ଲାଗେ। ଏଥିରୁ ଅନେକ ଶିକ୍ଷଣୀୟ କଥା ଜାଣିହୁଏ। ସିନେମା ପୃଷ୍ଠାଟି ବି ପଢିବାକୁ ମୋତେ ଭାରୀ ଭଲ ଲାଗେ।

*– ତନୁଜା ବାରିକ, ପାରାଦ୍ୱୀପ*

✻ ପ୍ରତି ସଂଖ୍ୟାରେ ଛୁଟିଦିନରେ ପ୍ରକାଶ ପାଉଥିବା ପ୍ରଚ୍ଛଦ ପ୍ରସଙ୍ଗ ଶିକ୍ଷଣୀୟ ହେବା ସହ ଭାରୀ ପ୍ରେରଣାଦାୟୀ ହୋଇଥାଏ। ସେଥିପାଇଁ ଛୁଟିଦିନ ପାଇବା ମାତ୍ରେ ମୁଁ ଏହାକୁ ପ୍ରଥମେ ପଢିବସେ। ସେହିପରି ସୃଜନ ପୃଷ୍ଠାରେ ସ୍ଥାନ ପାଉଥିବା ଗପ, କବିତା ବି ବେଶ୍ ମନଛୁଆଁ ଲାଗେ।

*– ଅଶୋକ କୁମାର ମହାନ୍ତି, ପୁରୀ*

✻ ବ୍ୟକ୍ତିତ୍ୱ ପୃଷ୍ଠାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କର ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳେ। ସେହିପରି ସହର ପୃଷ୍ଠାରୁ ବହୁ ଅଜଣା ସ୍ଥାନ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିହୁଏ। ପ୍ରତିଥରରେ ପ୍ରକାଶ ପାଉଥିବା ବହୁ ବିଶିଷ୍ଟ ବ୍ୟକ୍ତିଙ୍କର ପ୍ରଥମ ରୋଜଗାରର ଅନୁଭୂତି ବି ଖୁବ୍ ପ୍ରେରଣାଦାୟୀ ହୋଇଥାଏ।

*– ମୀନାକ୍ଷୀ ପାଢ଼ି, ସୁନ୍ଦରଗଡ଼*

✻ ଛୁଟିଦିନର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଥିବା ମଡେଲ୍ ମିରର୍ ପୃଷ୍ଠାରେ ମଡେଲ୍ ମାନଙ୍କର ଫଟୋଗୁଡ଼ିକ ଖୁବ୍ ଭଲ ଲାଗେ ଦେଖିବାକୁ। ସେହିପରି ହାଃ ହାଃ ବି ପଢିବାକୁ ବେଶ୍ ମଜା ଲାଗେ। ଲାଇଫ୍ ଷ୍ଟାଇଲ୍ ପୃଷ୍ଠା ମଧ୍ୟ ଖୁବ୍ ଆକର୍ଷଣୀୟ ଲାଗେ ଦେଖିବାକୁ ଓ ଏହାର ପାଠକୁ ପଢିବାକୁ।

*–ରାନୀ ତ୍ରିପାଠୀ, ଭୁବନେଶ୍ୱର*

✻ ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ଅଜବ ଅଜବ ପାଠଗୁଡ଼ିକ ବି ବେଶ୍ ମଜା ଲାଗେ ପଢିବାକୁ। ସେହିପରି ବ୍ୟଙ୍ଗ ପୃଷ୍ଠାରୁ ବହୁ ଶିକ୍ଷଣୀୟ କଥା ଜାଣିହୁଏ।

*–ପବିତ୍ର ମୋହନ ମାଝି, କୋରାପୁଟ*

✻ ଧରିତ୍ରୀର ଛୁଟିଦିନ ସବୁଠୁ ନିଆରା ଲାଗେ। ଏହାର ପ୍ରତି ପୃଷ୍ଠା ବେଶ୍ ଶିକ୍ଷଣୀୟ ହେବା ସହ ତଥ୍ୟପୂର୍ଣ୍ଣ ହୋଇଥାଏ। ସେଥିପାଇଁ ପ୍ରତି ରବିବାରକୁ ମୋର ଅପେକ୍ଷା ଥାଏ। ଖାସ୍ କରି ଏହାର ପ୍ରଚ୍ଛଦ ପ୍ରସଙ୍ଗ, ସିନେମା ପୃଷ୍ଠା, ସୃଜନ ଓ ବ୍ୟାକ୍‌ପେଜ୍ ପୃଷ୍ଠା ପଢିବାକୁ ମୋତେ ବହୁତ ଲାଗେ। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠା ବି ଟିକେ ଭିନ୍ନ ଲାଗେ ପଢିବା ପାଇଁ। ଏତେ ସୁନ୍ଦର ଲେଖା ସବୁ ଉପସ୍ଥାପନା କରାଯାଉଥିବାରୁ ଛୁଟିଦିନକୁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

*– ମମତା ମହାନ୍ତି, କେନ୍ଦ୍ରାପଡ଼ା*

## ବିଶେଷ ଚିଠି

ଷୋହଳ ପୃଷ୍ଠାକୁ ନେଇ
ଆସେ ଛୁଟିଦିନ,
ତା'ର ପ୍ରତି ପୃଷ୍ଠା ଲାଗେ
ସବୁବେଳେ ନୂତନ।
ଏହାର ପ୍ରଚ୍ଛଦ ପ୍ରସଙ୍ଗରୁ
ନୂଆ ନୂଆ କଥା ଜାଣିହୁଏ,
ସାଥୀର ଉତ୍ତର ପୁଣି
ମନ କିଣିନିଏ।
ସେଥିପାଇଁ ଛୁଟିଦିନକୁ
ମୁଁ ବହୁତ ଭଲପାଏ।

*–ପ୍ରମୋଦ ଦାଶ, ପିପିଲି*

ଧରିତ୍ରୀ ଛୁଟିଦିନ


ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଆମେ ଓଡ଼ିଆ
# ଆମ ଭାଷା ଓଡ଼ିଆ



**ଭାଷା ହିଁ ଗୋଟିଏ ଜାତିର ଆତ୍ମପରିଚୟ । ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତେ ମାର୍ଜିତ ଓ ସମୃଦ୍ଧ । ଯାହାକୁ ଗୁରୁତ୍ୱ ଦେଇଥିଲେ ଓଡ଼ିଶାର ବରପୁତ୍ରମାନେ। ଆଉ ଆଜି ବି କେତୋଟି ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଓଡ଼ିଆଭାଷାର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି ...**

**ଭା**ବ ପ୍ରକାଶ ପାଇଁ ଭାଷା ଏକ ମାଧ୍ୟମ। ଆଉ ଭାଷା ହିଁ ଗୋଟିଏ ଜାତିର ଆତ୍ମପରିଚୟ । ତେବେ ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତେ ମାର୍ଜିତ ଓ ସମୃଦ୍ଧ । ଭାଷା ବଞ୍ଚିବା ପାଇଁ ଭାଷାର ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି। ଓଡ଼ିଆ ଭାଷାକୁ ଅଧିକ ସମୃଦ୍ଧ କରିବା ପାଇଁ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଗଠନ ହୋଇଛି। ଯେଉଁଥିରେ ଅଗ୍ରଣୀ ଭୂମିକା ନେଇଥିଲେ ଓଡ଼ିଶାର ବରପୁତ୍ରମାନେ। ଆଜି ବି ଓଡ଼ିଆଭାଷାର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି ଓଡ଼ିଶାର କେତୋଟି ଅନୁଷ୍ଠାନ....

**ଉତ୍କଳ ସମ୍ମିଳନୀ**- ପ୍ରାତଃ ସ୍ମରଣୀୟ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ୧୯୦୩ରେ ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବା। ବିଶେଷକରି ଉତ୍କଳର ଏକତା ସ୍ଥାପନ, ଉତ୍କଳର ସର୍ବାଙ୍ଗୀନ ଉନ୍ନତି ସାଧନ, ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଶାସନସୂତ୍ରରେ ଏକତ୍ରୀକରଣ କରିବା ଓ ପ୍ରବାସୀ ଓଡ଼ିଆଙ୍କ ପାଇଁ କାର୍ଯ୍ୟ କରିବା। ସେବେଠାରୁ ଓଡ଼ିଆଭାଷା ସାହିତ୍ୟର ଅଭିବୃଦ୍ଧି ଓ ପ୍ରଚାରପ୍ରସାର ତଥା ଓଡ଼ିଆମାନଙ୍କର ସାମାଜିକ ସୁରକ୍ଷା ନିମନ୍ତେ ଉତ୍କଳ ସମ୍ମିଳନୀ କାର୍ଯ୍ୟ କରିଆସୁଛି । ଏହି ସମ୍ମିଳନୀର ପ୍ରତ୍ୟେକ ଜିଲାରେ ଶାଖା ରହିଛି। ଯାହାମଧ୍ୟରେ ରାଉରକେଲା, ପାରାଦୀପ, ହୀରାକୁଦ, ପୂର୍ବ ଓ ପଶ୍ଚିମ ସିଂହଭୂମି, ଛତିଶଗଡ଼ ଆଦି କେତେକ ଅଞ୍ଚଳରେ ସ୍ୱତନ୍ତ୍ର ଶାଖା ରହିଛି। ତେବେ ଓଡ଼ିଶା ରାଜ୍ୟ ଗଠନ ହେବାର ବହୁଦିନପରେ ରାଜ୍ୟସରକାରଙ୍କ ସହଯୋଗରେ ଉତ୍କଳ ସମ୍ମିଳନୀ ପକ୍ଷରୁ ପଡ଼ୋଶୀ ରାଜ୍ୟରେ ପ୍ରାୟ ୬ଶହ ଲିପିଶିକ୍ଷା କେନ୍ଦ୍ର ଖୋଲାଯାଇ ତା'ର ପ୍ରଚାର ପ୍ରସାର ଚାଲିଛି। ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଓଡ଼ିଆ ଭାଷା, ସଂସ୍କୃତି ପ୍ରତି ଅବଦାନ ରହିଥିବା ଦିବଂଗତ ମହାପୁରୁଷମାନଙ୍କର ଜୟନ୍ତୀ ଦିବସକୁ ପାଳନ କରାଯାଉଛି। ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା କୁହନ୍ତି, ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ପ୍ରଭାତ, ଉତ୍କଳ ସମ୍ମିଳନୀ ସମାଚାର ଆଦି ପତ୍ରିକା ବଣ୍ଟନ କରାଯାଇଥାଏ। ଓଡ଼ିଆ ଭାଷା ସୁରକ୍ଷା ନିମନ୍ତେ ଏହି ଅନୁଷ୍ଠାନ ସର୍ବଦା କାର୍ଯ୍ୟକରି ଆସୁଛି। ଫଳ ସ୍ୱରୂପ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶାକୁ ପ୍ରଥମ ଭାଷାଭିତ୍ତିକ ରାଜ୍ୟର ମାନ୍ୟତା ମିଳିଥିଲା ।

**ନୀଳଶୈଳ**– ଓଡ଼ିଶାରେ ସ୍ଥାପିତ ଏକ ଜାତୀୟ ସ୍ତରର ଜନପ୍ରିୟ ପୁରାତନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ 'ନୀଳଶୈଳ' । ୧୯୭୨ ମସିହାରେ ସ୍ୱର୍ଗତ ରାଜକିଶୋର ରାଜଙ୍କ ନେତୃତ୍ୱରେ କେତେଜଣ ଯୁବକଙ୍କୁ ନେଇ 'ନୀଳଶୈଳ' ଅନୁଷ୍ଠାନ ଗଠନ ହୋଇଥିଲା। ଏହା ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତି ପାଇ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି, ଶ୍ରୀଜଗନ୍ନାଥ ଚେତନା ଏବଂ ଓଡ଼ିଶାର ଐତିହ୍ୟର ପ୍ରଚାର ପ୍ରସାର ଦିଗରେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟରତ। ନୀଳଶୈଳ ଉଦ୍ୟମରେ ଦକ୍ଷିଣ କଟକର ରାଜାବଗିଚାଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମେମୋରିଆଲ ସିଟି କଲେଜ ଏବଂ ଅନେକ ସାଂସ୍କୃତିକ ଅନୁଷ୍ଠାନ ପ୍ରତିଷ୍ଠା ହୋଇପାରିଛି। ବର୍ତ୍ତମାନ ନୀଳଶୈଳ ଅନୁଷ୍ଠାନର ମୁଖ୍ୟ ପୃଷ୍ଠପୋଷକଭାବେ କାର୍ଯ୍ୟ କରୁଥିବା **ମୁରଲୀମନୋହର ଶର୍ମା** କୁହନ୍ତି, 'ଗୌରବମୟ ଓଡ଼ିଶାର ମହାନ୍ ପରମ୍ପରାକୁ ଏହି ଅନୁଷ୍ଠାନ ଉଜ୍ଜୀବିତ କରିବା ସହ ବିଶ୍ୱରେ ଥିବା ସମସ୍ତ ଓଡ଼ିଆଙ୍କୁ ଏକ ସୂତ୍ରରେ ବାନ୍ଧିବା ପାଇଁ ନୀଳଶୈଳ ଆନୁକୂଲ୍ୟରେ ସ୍ୱର୍ଗତ ରାଜକିଶୋର ରାଜ ଆରମ୍ଭ କରିଥିଲେ 'ବିଶ୍ୱ ଓଡ଼ିଆ ସମ୍ମିଳନୀ' । କଟକ ଏବଂ ରାଉରକେଲା ଠାରେ ବିଶ୍ୱ ଓଡ଼ିଆ ସମ୍ମିଳନୀ ଦୁଇଥର ପାଳିତ ହୋଇଯାଇଛି । ଯେଉଁଥିରେ ପ୍ରବାସୀ ଓଡ଼ିଆ ପ୍ରତିନିଧିଙ୍କ ସହିତ ରାଜ୍ୟର ପ୍ରତିଷ୍ଠିତ ବ୍ୟକ୍ତିମାନେ ଯୋଗ ଦେଇଥିଲେ। 'ନୀଳଶୈଳ ପ୍ରତିଭା ଅନ୍ୱେଷଣ' ନାମରେ ରାଜ୍ୟ ସ୍ତରୀୟ ଚିତ୍ରାଙ୍କନ, କଣ୍ଠ ସଙ୍ଗୀତ, ନୃତ୍ୟ, ସାଧାରଣ ଜ୍ଞାନ ଏବଂ ବକ୍ତୃତା ପ୍ରତିଯୋଗିତା ହୋଇଆସୁଛି। ୨୦୨୩ ମସିହା ସେପ୍ଟେମ୍ବର ୨୨ ତାରିଖ ଗୋଟିଏ ଦିନରେ ଓଡ଼ିଶାର ୩୦ଟି ଜିଲା ସମେତ ଦେଶର ବିଭନ୍ନ ରାଜ୍ୟର ଓଡ଼ିଆ ସଂଗଠନ ତଥା ବିଶ୍ୱରେ ବିଭିନ୍ନ ଦେଶରେ ଥିବା 'ପ୍ରବାସୀ ଓଡ଼ିଆ ସଂଗଠନ' 'ସ୍ୱାକ୍ଷର ସଂକଳ୍ପ ଦିବସ' ପାଳନ କରିଥିଲେ । ପ୍ରତିବର୍ଷ ସେପ୍ଟେମ୍ବର ୨୨ ତାରିଖରେ ଆମର ସ୍ୱାକ୍ଷର ସଂକଳ୍ପ ଦିବସ ଓଡ଼ିଶାରେ ଏବଂ ଓଡ଼ିଶା ବାହାରେ ପ୍ରବାସୀ ଓଡ଼ିଆମାନେ ପାଳନ କରିଆସୁଛନ୍ତି।

**ନୀଳଚକ୍ର**-ଓଡ଼ିଆଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ କାର୍ଯ୍ୟକରୁଥିବା ଏକ ସୁପରିଚିତ ଅନୁଷ୍ଠାନ ହେଉଛି 'ନୀଳଚକ୍ର'। ଏହାର ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି ବ୍ରହ୍ମାନନ୍ଦ ପଣ୍ଡା। ନୀଳଚକ୍ରର ସଭାପତି **ନମିତା ପଣ୍ଡା** କୁହନ୍ତି, '୧୯୭୦ ମସିହାର ଘଟଣା। ବ୍ରହ୍ମାନନ୍ଦ ପଣ୍ଡା ରେଭେନ୍‌ଶା ମହାବିଦ୍ୟାଳୟର ଛାତ୍ରସଂସଦର ସଭାପତି ଥାନ୍ତି। ଏହି ସମୟରେ ଦକ୍ଷିଣ ସୀମାନ୍ତ ପଡ଼ୋଶୀ ରାଜ୍ୟ ସରକାର ଓଡ଼ିଶାର କେତେକ ଗ୍ରାମକୁ ସେମାନଙ୍କର ବୋଲି ଦାବିକରିଥିଲେ। ଏହି ସମୟରେ ବ୍ରହ୍ମାନନ୍ଦ ପଣ୍ଡା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଆଦର୍ଶକୁ ପାଥେୟକରି ଓଡ଼ିଆ ଭାଷାସଂସ୍କୃତି ଓ ସ୍ୱାଭିମାନ ସୁରକ୍ଷା ପାଇଁ କେତେଜଣ ସହପାଠୀଙ୍କ ସହିତ ଆଲୋଚନା କରି ନୀଳଚକ୍ର ନାମରେ ଯେଉଁ ଅନୁଷ୍ଠାନ ଗଢିଥିଲେ ତାହା ଏବେ କେବଳ ଓଡ଼ିଶା ନୁହେଁ ଓଡ଼ିଶା ବାହାରେ ବି ଏକାଧିକ ଶାଖା ଗଢି କାର୍ଯ୍ୟକରୁଛି। ବିଶେଷକରି ଓଡ଼ିଶାର ବଚ୍ଛିନ୍ନାଞ୍ଚଳ, ଉପାନ୍ତ ଅଞ୍ଚଳ ଏବଂ ଓଡ଼ିଶା ବାହରେ ବାସକରୁଥିବା ଓଡ଼ିଆ ଭାଷାଭାଷୀଙ୍କ ପାଇଁ ବିଦ୍ୟାଳୟ ସ୍ଥାପନ କରିବା ସହ ଓଡ଼ିଶାର ବରପୁତ୍ରମାନଙ୍କର ଜୟନ୍ତୀ ଓ ଶ୍ରାଦ୍ଧଦିବସ ତଥା ଉତ୍କଳୀୟ ପର୍ବପର୍ବାଣି ଆଦି ପାଳନ କରିବା ଓଡ଼ିଆ ଭାଷାର ପ୍ରଚାର ପ୍ରସାର କିପରି ହୋଇପାରିବ ସେ ଦିଗରେ କାର୍ଯ୍ୟ କରୁଥିଲା। ବ୍ରହ୍ମାନନ୍ଦ ପଣ୍ଡାଙ୍କ ଦେହାନ୍ତ ପରେ ମଧ୍ୟ ନୀଳଚକ୍ର ଅନୁଷ୍ଠାନ ସୀମାନ୍ତ ଅଞ୍ଚଳରେ ବିଶେଷକରି ରାଉରକେଲା, ରାଜଗାଙ୍ଗପୁର, ଟେନ୍‌ସା, ବେଲପାହାଡ଼, ବ୍ରଜରାଜନଗର, ବୁର୍ଲା ଆଦିରେ ଶାଖା କାର୍ଯ୍ୟାଳୟ ଖୋଲି କାର୍ଯ୍ୟ କରୁଛି। ଓଡ଼ିଶା ଦିବସରେ ଓଡ଼ିଶା ଜାତୀୟ ସଙ୍ଗୀତ ଗାନ, ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଛାତ୍ରୀଛାତ୍ରଙ୍କ ଭିତରେ ଓଡ଼ିଆ ବକ୍ତୃତା, ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତା, ତର୍କ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ପ୍ରତିବର୍ଷ ପଶ୍ଚିମବଙ୍ଗରେ ପ୍ରବାସୀ ଓଡ଼ିଆଙ୍କୁ ସଂଗଠିତ କରି ଏହାର ଶାଖା କାର୍ଯ୍ୟାଳୟ ମାଧ୍ୟମରେ ବୋଇତ ବନ୍ଦାଣ ଉତ୍ସବ ଆୟୋଜନ ଏବଂ ଓଡ଼ିଶା ଦିବସ ପାଳନ ଆଦି କରାଯାଇଥାଏ। ଓଡ଼ିଶା ଦିବସରେ କଟକରେ ପ୍ରଭାତ ଫେରି, ବନ୍ଦେ ଉତ୍କଳ ଜନନୀ ଗାନ କରି ସହରର ପରିକ୍ରମା, ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ, ଡାକ୍ତରଖାନାରେ ରୋଗୀଙ୍କୁ ସେବା, ଫଳ ବଣ୍ଟନ ଇତ୍ୟାଦି କରାଯାଇଥାଏ। କେବଳ ଓଡ଼ିଶା ଦିବସ ନୁହେଁ ପଣାସଂକ୍ରାନ୍ତିରେ ମଧ ଉତ୍ସବ ପାଳନ କରାଯାଏ। ଯେଉଁଥିରେ ମୁଖ୍ୟ ଭୂମିକା ନେଉଛନ୍ତି ନୀଳଚକ୍ରର କାର୍ଯ୍ୟକାରୀ ସଭାପତି →











କାହ୍ନୁଚରଣ ପାଣିଗ୍ରାହୀ, ମୁଖ୍ୟ ସଂଯୋଜକ ଡା.ନିଳାଦ୍ରୀ ପଣ୍ଡା, ରମାକାନ୍ତ ମହାପାତ୍ର ଓ ରଞ୍ଜନ ମହାନ୍ତି। ଦୀର୍ଘ ୫୪ବର୍ଷ ଧରି ଏହି ଅନୁଷ୍ଠାନ ଓଡ଼ିଆ ଭାଷା ସଂସ୍କୃତି ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟ କରିଆସୁଛି।

**ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ–** ଓଡ଼ିଶାର ବଛିନ୍ନାଞ୍ଚଳ ମିଶ୍ରଣ ଦାବିକୁ ନିରବଚ୍ଛିନ୍ନଭାବେ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନା କରି ଏହାକୁ ଗୋଟିଏ ଆନ୍ଦୋଳନର ରୂପ ଦେବା ଆଶାରେ ଉତ୍କଳ ପ୍ରାଣ ସଚ୍ଚିଦାନନ୍ଦ ମିଶ୍ର ପ୍ରତିଷ୍ଠା କରିଥିଲେ– ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ। ଏହି ଅନୁଷ୍ଠାନର ଉଦ୍ଦେଶ୍ୟ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ବଜାୟ ରଖିବା। ଏହାର ସମ୍ପାଦକ **ପର୍ଶୁରାମ ଦ୍ୱିବେଦୀ** କୁହନ୍ତି, ମୋତେ ୯୨ବର୍ଷ ହେଲାଣି। ଓଡ଼ଆ ଭାଷା ସାହିତ୍ୟର ଉତରୋତ୍ତର ଉନ୍ନତି ହିଁ ମୋର ଏକମାତ୍ର ଲକ୍ଷ୍ୟ। ଯାହା ପାଇଁ ଆରମ୍ଭରୁ ଏଯାଏ କାର୍ଯ୍ୟରତ। ଏହିକ୍ରମରେ ବିଚ୍ଛିନ୍ନାଞ୍ଚଳର ବିଭିନ୍ନ ସ୍ଥାନରେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ତରଫରୁ ଗଢି ଉଠିଛି ପଚାଶରୁ ଉର୍ଦ୍ଧ୍ୱ ଚାଟଶାଳୀ। ଓଡ଼ିଶାରୁ ସେହି ରାଜ୍ୟରେ ବିବାହ କରିଥିବା କେତେକ ଝିଅ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଛନ୍ତି। ସେମାନେ ସୀମିତ ପାରିଶ୍ରମିକରେ ସୁଚାରୁରୂପେ ଓଡ଼ିଆ ଭାଷା ଓ ସଂସ୍କୃତି ପାଇଁ କାର୍ଯ୍ୟ କରୁଛନ୍ତି। ଖାଲି ଯେ ଛୋଟଛୋଟ ପିଲାଙ୍କୁ ଓଡ଼ିଆ ଅକ୍ଷର ଶିଖାଉଛନ୍ତି ତା’ ନୁହେଁ ସେମାନେ ଓଡ଼ିଆ ଭାଗବତ, ଲକ୍ଷ୍ମୀପୁରାଣ, ଖୁଦୁରୁକୁଣୀ ଓଷାଗୀତର ପ୍ରଚାର ପ୍ରସାର କରିଥାନ୍ତି। ଏଥିପାଇଁ ଉକ୍ତ ଅନୁଷ୍ଠାନ ତରଫରୁ ଓଡ଼ିଆ ଭାଷାର ବିଭିନ୍ନ ବହି ବଣ୍ଟନ କରାଯାଉଛି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦାୟାଦ ହିସାବରେ ତାଙ୍କରି ମାର୍ଗରେ ଚାଲିଛୁ। ପୂର୍ବରୁ ଚିନ୍ତାମଣି ପାଣିଗ୍ରାହୀ, ପ୍ରଫେସର ସର୍ବେଶ୍ୱର ଦାସ, ବଳରାମ ମହାନ୍ତି, ଭଗବାନ ରଥ, ଧନେଶ୍ୱର ମହାନ୍ତି, ମାଧବଚନ୍ଦ୍ର ରାଉତରାୟ, ସଚ୍ଚିଦାନନ୍ଦ ମିଶ୍ର, ରବୀନ୍ଦ୍ରନାଥ ସାହୁ ପ୍ରମୁଖଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ। ଏହି ଅନୁଷ୍ଠାନ ତରଫରୁ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଶିକ୍ଷାକେନ୍ଦ୍ର ଖୋଲିବା ସହ ଶିକ୍ଷକ ନିଯୁକ୍ତି କରି ଓଡ଼ିଆ ଶିକ୍ଷାଦେବା ନିମନ୍ତେ ଅର୍ଥଦାନ କରାଯାଉଛି। ଝାଡ଼ଖଣ୍ଡ, ଛତିଶଗଡ଼ ଆଦି ରାଜ୍ୟର କେତେକ ଅଞ୍ଚଳରେ ଏକାଧିକ ସ୍କୁଲ ପରିଚାଳନା କରାଯାଉଛି। ପ୍ରତିବର୍ଷ ବହୁ ବଦାନ୍ୟବ୍ୟକ୍ତି ବିଚ୍ଛିନ୍ନାଞ୍ଚଳର ପାଠାଗାରକୁ ବିଭିନ୍ନ ବହି, ଶିଶୁପତ୍ରିକା ପ୍ରଦାନ କରିଥାନ୍ତି। ନୂତନଭାବେ ଖରସୁଆଁ, ଷଢ଼େଇକଳା, ଚକ୍ରଧରପୁର ଓ ମହିମା, ଇରମ ,ହୁଗୁଳି, ପଞ୍ଚୁଗାଁଠାରେ ୮ଟି ପାଠାଗାର ଖୋଲାଯାଇଛି। ୪୭୦୦ବହି ଓ ଦୈନିକ ଖବରକାଗଜ ଯୋଗାଇ ଦିଆଯାଇଛି। ନ୍ୟାସ ମଣ୍ଡଳ ଦ୍ୱାରା ଷଢ଼େଇକଳାରେ ୧୨ଟି, ଖରସୁଆଁରେ ୮ଟି, ଚାଇବସାରେ ୪ଟି, ବାମଣ୍ଡା (କିଛୁପାଣି)ରେ ଗୋଟିଏ ଓ ଛତିଶଗଡ଼ରେ ୨୬୪ଟି ଏବଂ ଆନ୍ଧ୍ରପ୍ରଦେଶରେ ୨ଟି ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତ ସେଟ୍ ଯୋଗାଇ ଦିଆଯାଇଛି। ଓଡ଼ିଶା ସରକାରଙ୍କ ନିକଟରୁ ଲକ୍ଷାଧିକ ଓଡ଼ିଆ ପାଠ୍ୟପୁସ୍ତକ ନେଇ ପଶ୍ଚିମ ସିଂହଭୂମି ସହ ଷଢ଼େଇକଳା, ଖରସୁଆଁରେ ପୁସ୍ତକ ବଣ୍ଟନ କରାଯାଇଛି। ପ୍ରାୟ ୩୦ହଜାର ଓଡ଼ିଆ ବର୍ଣ୍ଣବୋଧ, ଚାଟଶାଳୀ ପାଠ ବହିକୁ ମାଗଣାରେ ଯୋଗାଇଛନ୍ତି। ଷଢ଼େଇକଳାରେ ଦୋଳବିମାନ ସାଙ୍ଗରେ ଛତ୍ର, ତ୍ରାସ ଓ ଆଲଟ ଯୋଗାଇ ଦିଆଯାଇଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଦିଗରେ ଓଡ଼ିଶାର ଯେଉଁ ବରପୁତ୍ରମାନେ ପ୍ରାତଃ ସ୍ମରଣୀୟ ସେମାନଙ୍କର ପ୍ରତିମୂର୍ତ୍ତିକୁ ସ୍ଥାପନ କରିବା, ମହାପୁରୁଷଙ୍କ ଜୟନ୍ତୀ ପାଳନ କରିବା ଆଦି ପୂଜ୍ୟପୂଜା ପରମ୍ପରାକୁ ବଜାଇ ରଖିଛୁ। ଓଡ଼ିଆରେ ନାମଫଳକ ଲେଖିବା ପାଇଁ ସଚେତନତା ସୃଷ୍ଟି କରିଛୁ।

**ଉତ୍କଳ ସାହିତ୍ୟ ସମାଜ**– ଶହେବର୍ଷରୁ ଉର୍ଦ୍ଧ୍ୱ କଟକଠାରେ ଥିବା ଭାଷା ସାହିତ୍ୟ ଅନୁଷ୍ଠାନ ହେଲା ‘ଉତ୍କଳ ସାହିତ୍ୟ ସମାଜ’। ଓଡ଼ିଆ ଭାଷା ସାହିତ୍ୟକୁ ସୁରକ୍ଷା, ଜାତିର ଲୁପ୍ତ ଗୌରବର ପୁନଃପ୍ରତିଷ୍ଠା, ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ ପାଇଁ ଏହାଦ୍ୱାରା ଉଦ୍ୟମ ଆରମ୍ଭ ହୋଇଥିଲା। ଏହି ଅନୁଷ୍ଠାନର ସଭାପତି **ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ** କୁହନ୍ତି, ‘ଇତିହାସରୁ ଜଣାପଡ଼େ ୧୯୦୩ ମସିହା ଏପ୍ରିଲ ୧୧ ଓ ୧୨ତାରିଖରେ ବ୍ରହ୍ମପୁରଠାରେ ‘ଗଞ୍ଜାମ ଜାତୀୟ ସମ୍ମିଳନୀ’ ଆୟୋଜିତ ହୋଇଥିଲା। ଏହାର ଆବାହକ ଥିଲେ ନୀଳମଣି ବିଦ୍ୟାରତ୍ନ ଓ ପୃଷ୍ଠପୋଷକ ଥିଲେ ଖଲ୍ଲିକୋଟର ରାଜା ହରିହର ମର୍ଦ୍ଦରାଜ। ସେତେବେଳେ କଟକରୁ ଯୋଗଦେଇଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ସାହିତ୍ୟର ସମ୍ପାଦକ ବାଗ୍ମୀ ବିଶ୍ୱନାଥ କର, ସାରସ୍ୱତ ସାଧକ ନନ୍ଦକିଶୋର ବଳ, କୃଷ୍ଣପ୍ରସାଦ ଚୌଧୁରୀ, ଗୋପାଳ ଚନ୍ଦ୍ର ପ୍ରହରାଜ, ଫକୀର ମୋହନ ସେନାପତି, ପୁରୀରୁ ମୁକ୍ତାର ରାମଚନ୍ଦ୍ର ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ପ୍ରମୁଖ। ୧୯୦୩ ମସିହା ମେ ୭ ତାରିଖରେ ଗଠିତ ହେଲା ଉତ୍କଳ ସାହିତ୍ୟ ସମାଜ। ଆଲୋଚନାସଭାର ସଭାପତି ମଧୁସୂଦନ ରାଓ ହେଲେ ପ୍ରଥମ ସଭାପତି। ବାଗ୍ମୀ ବିଶ୍ୱନାଥ କର ଏହାର ପ୍ରଥମ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏଥିରେ ବହୁ ଯଶସ୍ୱୀ ବରପୁତ୍ର ଯୋଗଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଲାଗି ଏହି ସଂଗଠନ ସ୍ଥାୟୀଭାବେ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ନିଆଗଲା। ଓଡ଼ିଆ ଭାଷା, ସାହିତ୍ୟପାଇଁ ଉତ୍କଳ ସାହିତ୍ୟ ସମାଜ ଅଭିଭାବକର ଭୂମିକା ତୁଲାଇଥିଲା। କିନ୍ତୁ ସେତେବେଳେ ମଧୁସୂଦନ ରାଓ ଉତ୍କଳ ସାହିତ୍ୟ ସମାଜର ସ୍ଥାୟୀ ସଭାପତିଥିଲେ ହେଁ ବାର୍ଷିକ ଅଧିବେଶନରେ କବିବର ରାଧାନାଥ ରାୟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ, ବାହାଦୁର ରାଧାଚରଣ ଦାସ, ମହାମହୋପାଧ୍ୟାୟ ସଦାଶିବ ମିଶ୍ର, ଫକୀର ମୋହନ ସେନାପତି, କର୍ମବୀର ଗୌରୀଶଙ୍କର ରାୟଙ୍କ ପରି ବହୁ ବରପୁତ୍ରମାନେ ଏହି ଅନୁଷ୍ଠାନର ବାର୍ଷିକ ଅଧିବେଶନରେ ସଭାପତିତ୍ୱ କାର୍ଯ୍ୟ ତୁଲାଇଥିଲେ। ସମୟକ୍ରମେ ଉତ୍କଳ ସାହିତ୍ୟ ସମାଜ ଓଡ଼ିଆ ଭାଷା ସାହିତ୍ୟର ବିକାଶ ଓ ସମୃଦ୍ଧି ପାଇଁ ମାର୍ଗ ଦର୍ଶକର ଭୂମିକା ନିର୍ବାହ କଲା। ୧୨୩ ବର୍ଷ ପ୍ରାଚୀନ ସାହିତ୍ୟ ଓ ସାଂସ୍କୃତିକ ସଂଗଠନ ଉତ୍କଳ ସାହିତ୍ୟ ସମାଜର ସୁଦୀର୍ଘ ଇତିହାସ ଘଟଣାବହୁଳ। ଏହା ମଧ୍ୟରେ ବହୁ ଯଶସ୍ୱୀ କବି ଲେଖକ ଅଛନ୍ତି। ଉତ୍କଳ ସାହିତ୍ୟ ସମାଜର ମୁଖ୍ୟ କାର୍ଯ୍ୟାଳୟ କଟକଠାରେ ୨୦୦୩ ମସିହାରେ ତା’ର ଶତାୟୁ ସ୍ମାରକୀ ସୌଧ, ଶତାବ୍ଦୀ ଭବନ ନିର୍ମାଣ ହୋଇପାରିଛି। ରାଜ୍ୟର ବିଭିନ୍ନ ଜିଲାରେ ଶାଖା ଗଠିତ ହୋଇଛି। ବିଭିନ୍ନ ଅଞ୍ଚଳର ସାରସ୍ୱତ ସଂଗଠନ ଦ୍ୱାରା ପୁସ୍ତକ ଉନ୍ମୋଚନ, ଆଲୋଚନା ଚକ୍ର, ସମ୍ମାନ ପ୍ରଦାନ, ସାହିତ୍ୟ ଆସର ଆଦି କରାଯାଉଛି। ସେତେବେଳେ ଏହି ଅନୁଷ୍ଠାନର ଗୃହପାଇଁ ଆଳି ରାଜା ସାହେବ ବ୍ରଜସୁନ୍ଦର ଦେବ ଆର୍ଥିକ ସାହାଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ କଟକ ମ୍ୟୁନିସିପାଲିଟି କଟକ ଟାଉନ ହଲ୍‌ର ଦକ୍ଷିଣଭାଗରେ ଖଣ୍ଡିଏ ଭୂମି ଦାନକରିଥିଲେ। ଏହି ଅନୁଷ୍ଠାନର ନିଜସ୍ୱ ପାଠାଗାର ଓ ପତାକା ରହିଥିବାବେଳେ ଏହାର ସ୍ୱତନ୍ତ୍ର ସଙ୍ଗୀତ ରହିଛି। ବରପୁତ୍ରମାନଙ୍କ ବ୍ୟବହୃତ ସାମଗ୍ରୀ, ପାଠାଗାର, ଅତିଥିଭବନ, ଅନୁଷ୍ଠାନ ନୀତି ଆୟୋଗ ରହିଛି। ଉତ୍କଳ ସାହିତ୍ୟ ସମାଜର ନିଷ୍ଠାପର ଉଦ୍ୟମରେ ଗଚ୍ଛିତ ଅନେକ ପ୍ରାଚୀନ ପତ୍ରପତ୍ରିକା, ସମ୍ବାଦପତ୍ର ଦୁର୍ଲଭ ପୁସ୍ତକ ଏହାର ଗୌରବମଣ୍ଡନ କରିଛି।

ତେବେ କେବଳ ଏହି ଅନୁଷ୍ଠାନ ନୁହେଁ ଏହା ବ୍ୟତିତ ଆହୁରି ଅନେକ ଅନୁଷ୍ଠାନ, ଭାଷାବିତ୍, ଗବେଷକ ଓ ଓଡ଼ିଆପ୍ରୀତି ଥିବା ବ୍ୟକ୍ତିବିଶେଷ ଓଡ଼ିଆ ଭାଷାର ସୁରକ୍ଷା ଓ ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି।

**–ବନବିହାରୀ ବେହେରା**
**କାର୍ତ୍ତିକ ସାହୁ**





# ରହିଛି ଅନେକ ଅବସୋସ



**‘ରୂପ ହୋଇଥିବ ଲାବଣ୍ୟବତୀ..’ ଗୀତରେ ସେ ଲାଗୁଥିଲେ ସ୍ୱପ୍ନର ନାୟିକା ପରି ତାଙ୍କର ରୂପ, ନୃତ୍ୟ ଓ ଅଭିନୟର ଯାଦୁରେ ସେ ଦର୍ଶକଙ୍କୁ ଏମିତି ବଶ କରିଥିଲେ ଯେ ପାଇଥିଲେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର। ହେଲେ ହଠାତ୍ ସେ ହଜିଯାଇଥିଲେ ଅଭିନୟ ଦୁନିଆରୁ। ଦର୍ଶକ ତାଙ୍କୁ ଝୁରୁଥିଲେ। ଶେଷରେ ସେ ପୁଣି ଫେରିଲେ। ହେଲେ ଛୋଟ ପରଦାକୁ। ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଅଭୁଲା ଛାପ ଛାଡ଼ିଥିବା ସେହି ବର୍ଷୀୟାନ୍ ଅଭିନେତ୍ରୀ ଜୟା ସ୍ୱାମୀଙ୍କ ସହ କିଛି କଥା..**



**ମୋ** ଜନ୍ମ କଟକ ଚୌଦ୍ୱାରରେ। ଆମେ ପାଞ୍ଚ ଭଉଣୀରେ ଗୋଟେ ଭାଇ। ଛୋଟବେଳେ ନା ମୁଁ ଦୁଷ୍ଟ ଥିଲି ନା ଲାଜକୁଳୀ। ନାଚ କରିବାର ବହୁତ ଇଚ୍ଛା ଥିଲା। ଯିଏ ଯେତେବେଳେ ମତେ ନାଚିବାକୁ କହୁଥିଲେ ମୁଁ ନାଚୁଥିଲି। ହେଲେ ପଢ଼ିବା ପାଇଁ ମତେ ମାମୁଘର ଜାମଶେଦପୁର ଟାଟାକୁ ଯିବାକୁ ପଡ଼ିଥିଲା। ସ୍କୁଲ ପଢା ସରିବା ପରେ ଚୌଦ୍ୱାର ଫେରିଲି। ଭାବିଲି ନୃତ୍ୟ କରିବାର ଇଚ୍ଛାକୁ ପୂରଣ କରିବି। ସେଥିପାଇଁ ୧୭ ବର୍ଷ ବୟସରେ ଗୁରୁ ଦୟାନିଧି ଦାସଙ୍କଠାରୁ ଓଡ଼ିଶୀ ନୃତ୍ୟ ଶିଖିବା ଆରମ୍ଭ କଲି।

**ଅଭିନୟର ଆରମ୍ଭ :** ଓଡ଼ିଶୀ ନୃତ୍ୟ ଶିକ୍ଷା ମୋର ଚାଲିଥାଏ। ଥରେ ଆମ ଘର ପାଖରେ ‘ଗପ ହେଲେ ବି ସତ’ ଚଳଚ୍ଚିତ୍ରର ଶୁଟିଂ ହେଉଥିଲା। ତାକୁ ଦେଖିବା ପରେ ମୋ ମନରେ ହଠାତ୍ ଅଭିନୟ କରିବାକୁ ଇଚ୍ଛା ହେଲା। ହେଲେ ସୁଯୋଗ କେମିତି ମିଳିବ ଭାବୁଥିଲି। ଏମିତିରେ ଡ୍ୟାନ୍ସ କଲେଜର ବାର୍ଷିକ ଉତ୍ସବ ହେଲା। ମୁଁ ସେଥିରେ ନୃତ୍ୟ କରୁଥିଲି। ଅତିଥିଭାବେ ‘ଗପ ହେଲେ ବି ସତ’ ଫିଲ୍ମର ଟିମ୍‌କୁ ଡକାଯାଇଥିଲା। ସେମାନେ ମୋ ନୃତ୍ୟ ଦେଖି କହିଲେ ଅଭିନୟ ପ୍ରତି ଯଦି ଆଗ୍ରହ ଥାଏ ଜଣେଇବ। ଏହାପରେ ସେଇ ଫିଲ୍ମର ଫଟୋଗ୍ରାଫରଙ୍କ ସହ ଦେଖା କରିଥିଲି। ସେ ମୋ ଫଟୋ କିଛି ପ୍ରଡକ୍ସନ ହାଉସ୍‌ରେ ଦେଖାଇଥିଲେ। ଫଟୋ ସିଲେକ୍ଟ ହେଲା। ଘର ଲ୍ୟାଣ୍ଡ ଲାଇନ୍‌କୁ ଫୋନ୍ ଆସିଲା ଯେ ମୁଁ ଚଳଚ୍ଚିତ୍ରରେ ଅଭିନୟ କରିବା ପାଇଁ ସିଲେକ୍ଟ ହୋଇଛି। ମା’ ଡି. ଦୁର୍ଗା ଦେବୀ କିନ୍ତୁ ରାଜି ନ ଥିଲେ ମୁଁ ଅଭିନୟ କରେ ବୋଲି। ବାପା ଡି. ୱିରାସ୍ୱାମୀ ରାଜି ଥିଲେ। ଶେଷରେ ମା’ ରାଜି ହେଲେ। ଆଉ ଫିଲ୍ମର ଶୁଟିଂ ପାଇଁ ଭାଇଙ୍କ ସହ ହାଇଦ୍ରାବାଦ ଗଲି। ସେ ଫିଲ୍ମଟି ଥିଲା ‘ଝିଲିମିଲି’। ଏହାପରେ ଗୋଟେ ପରେ ଗୋଟେ ଚଳଚ୍ଚିତ୍ରର ଅଫର୍ ଆସିଲା। ଆଉ ଅଭିନୟ କରିଚାଲିଲି। ‘ହାକିମ ବାବୁ’ ଚଳଚ୍ଚିତ୍ରରେ ଷ୍ଟେଟ ଆୱାର୍ଡ ମିଳିଲା।

**ବର୍ଣ୍ଣ ପାଇଁ ଭେଦଭାବର ଶିକାର:** ବିନା ମେକ୍‌ଅପ୍‌ରେ ମୁଁ ଲୁକ୍ ଟେଷ୍ଟରେ ପାସ୍ ହୋଇଥିଲି। ଭଲ କାମ ବି କଲି। ନନ୍ ଓଡ଼ିଆ ହୋଇ ନିଜ ଭଏସ୍ ନିଜେ ଡବ୍ କରୁଥିଲି। ନିର୍ଦ୍ଦେଶକ ଯାହା କରିବାକୁ କହୁଥିଲେ, ଯାହା ପିନ୍ଧିବାକୁ କହୁଥିଲେ ତାହା ପିନ୍ଧୁଥିଲି। ନୃତ୍ୟ ଓ ନିଖୁଣ ଅଭିନୟ ପାଇଁ ରାଜ୍ୟ ପୁରସ୍କାର ବି ପାଇଲି। ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ କାମ କରିବାର ସୁଯୋଗ ବି ଆସିଥିଲା। ତଥାପି ଅନେକଙ୍କ ମନରେ ମୋ ବର୍ଣ୍ଣ ପାଇଁ ଖରାପ ଭାବନା ଥିଲା। ତେଣୁ ଅନେକ ଚଳଚ୍ଚିତ୍ର ମୋ ହାତରୁ ପଳାଉଥିଲା। ଯେଉଁ ଚଳଚ୍ଚିତ୍ରରେ ଲିଡ୍ ରୋଲ୍ ପାଇଁ ଫାଇନାଲ ହେଉଥିଲି ପରବର୍ତ୍ତୀ ସମୟରେ ଜାଣିବାକୁ ପାଉଥିଲି ମତେ ସେଥିରୁ ବାହାର କରି ଦିଆଯାଇଛି। ଅବା କେହି କେହି ଫୋନ୍ କରି କହୁଥିଲେ ଆପଣ ସେକେଣ୍ଡ ଲିଡ୍‌ରେ ରହିବେ। ମତେ ଭାରି ଖରାପ ଲାଗୁଥିଲା ବର୍ଣ୍ଣକୁ ନେଇ ଏହି ଭେଦଭାବ। ତେଣୁ ମୋ ନିଜ ତରଫରୁ ବି ଅନେକ ଚଳଚ୍ଚିତ୍ର କରିବାକୁ ମନା କରିଥିଲି। ମତେ ସପୋର୍ଟ କରିବା ପାଇଁ ମୋର କେହି ଗଡ୍ ଫାଦର ନ ଥିଲେ। ତେଣୁ ସଂଘର୍ଷ କରିବାକୁ ପଡୁଥିଲା। ହେଲେ ଇଣ୍ଡଷ୍ଟ୍ରୀର ଅଜିତ ଦାସ, ମହାଶ୍ୱେତା ଅପା, ତନ୍ଦ୍ରା ରାୟ ମ୍ୟାଡାମ, ବନଜା ମହାନ୍ତି ଅପା, ତ୍ରିପୁରା ଅପା, ଶ୍ରୀରାମ ପଣ୍ଡା ମତେ ବହୁତ ଭଲ ପାଇବା ସହ ସଠିକ ପରାମର୍ଶ ଦେଉଥିଲେ।

**ପ୍ରେମ ଓ ବିବାହ:** ବାହାଘରର ଗୋଟେ ବର୍ଷ ପୂର୍ବେ ଲେଖକ ତଥା ନିର୍ଦ୍ଦେଶକ ଗୋପାଳ କୃଷ୍ଣ ଯୋଗେଶ ମତେ ତାଙ୍କ ଚଳଚ୍ଚିତ୍ରରେ କାମ କରିବାର ଅଫର୍ ଦେଇଥିଲେ। ଆଉ ମୁଁ ସେ ଚଳଚ୍ଚିତ୍ରରେ କାମ କଲି। ତେବେ କାମ କରିବା ଭିତରେ ଥରେ ମତେ ସେ ଏମିତି ଏକ କଥା କହିଲେ, ଯାହା ମୁଁ କେବେ କଳ୍ପନା କରି ନ ଥିଲି। ମତେ କହିଲେ– ସେ ମତେ ବହୁତ ଭଲ ପାଆନ୍ତି ବୋଲି। ସେ ପୁଣି ଏବେ ନୁହେଁ ୮–୯ ବର୍ଷ ଧରି ଭଲ ପାଉଛନ୍ତି। ମୋ ପାଇଁ ସେ ଅନେକ ଚିଠି ବି ଲେଖିଥିଲେ। କିନ୍ତୁ କାଳେ ମୁଁ ରାଗିବି, ମନା କରିବି ସେଇ ଭୟରେ କେବେ ସେ ଚିଠି ଦେଇ ପାରି ନ ଥିଲେ। ସେ ଚିଠି ସବୁ ବି ମତେ ଦେଖେଇଲେ। ସେତେବେଳେ ମୁଁ ନିର୍ବାକ୍ ହୋଇଯାଇଥିଲି। ଶେଷରେ କହିଲି ଘରର ବିନା ଅନୁମତିରେ ମୁଁ ନିଜେ କୌଣସି ନିଷ୍ପତ୍ତି ନେଇପାରିବିନି। ତେଣୁ ସେ ମୋ ମା’ ଓ ପରିବାରର ଅନ୍ୟମାନଙ୍କ ସହ କଥା ହୋଇଥିଲେ। ଆଉ ଆମର ବାହାଘର ହେଲା। ବାହାଘର ପରେ ତାଙ୍କର ୩–୪ଟି ଚଳଚ୍ଚିତ୍ରରେ ମୁଁ କାମ କଲି। ପରେ ମୋର ପୁଅ ହେଲା।

**ଅଭିନୟରୁ ଲମ୍ବା ବିରତି:** ବାରମ୍ବାର ବର୍ଣ୍ଣ ପାଇଁ ଚଳଚ୍ଚିତ୍ରରୁ ବାହାର କରି ଦିଆଯିବା, ଅବା ପ୍ରଥମ ଲିଡ୍‌ରୁ ଦ୍ୱିତୀୟ, ତୃତୀୟ ଲିଡ୍ କରି ଦିଆଯିବାଟା ଭାରି କଷ୍ଟ ଲାଗୁଥିଲା। ମୁଁ ବହୁତ ଇମୋଶନାଲ ଝିଅ ଥିଲି। ସେସବୁକୁ ମୁଁ ଆଉ ସହି ପାରିଲି ନାହିଁ। ଶେଷରେ ଅଭିନୟରେ ଅନେକ କିଛି ହାସଲ କରିବା ସତ୍ତ୍ୱେ ଇଣ୍ଡଷ୍ଟ୍ରୀ ପ୍ରତି ମନ ଛାଡିଗଲା। ପୁଅ ହେବା ପରେ ବିରତି ନେଲି। ତେବେ ବିରତି ନେଉ ନେଉ କେତେବେଳେ ଏତେ ସମୟ ବିତିଗଲା ଜଣା ପଡ଼ିଲାନି। ସ୍ୱାମୀ ବି ମତେ ସପୋର୍ଟ କରିଥିଲେ।

**ସିରିୟଲରେ ଅଭିନୟ:** ପୁଅ ଛୋଟ ଥାଏ ମତେ ସିରିୟଲର ଅଫର୍ ମିଳିଲା। ବିନି ସାମଲ ଅଫର୍ ଦେଇଥିଲେ। ହେଲେ ପୁଅକୁ ଛାଡି କେମିତି କରିବି ଭାବିପାରୁ ନ ଥିଲି। ହେଲେ ସେ ମତେ ବହୁତ ବାଧ୍ୟ କଲେ। ତେଣୁ ୨୦୦୮ରୁ ସିରିୟଲ କରିବା ଆରମ୍ଭ କଲି। ତେବେ ନେଗେଟିଭ ଚରିତ୍ର ମିଳିବାରୁ ଭଲ ଲାଗି ନ ଥିଲା। ସେ ମତେ ବୁଝାଇଲେ କଳାକାର ସବୁ ଚରିତ୍ର କରିବା କଥା। ଏକାଭଳି ଚରିତ୍ରରେ ଅଭିନୟ କରିବାର ମାନେ କିଛି ନ ଥାଏ। ଏହାପରେ ମୁଁ ମୋ ନେଗେଟିଭ ଚରିତ୍ରକୁ ଭଲ ପାଇଲି। ଲୋକେ ବି ମତେ ନେଗେଟିଭ ଚରିତ୍ରରେ ପସନ୍ଦ କଲେ। ସେବେଠାରୁ ଆଜିଯାଏ ମେଗା ସିରିୟଲରେ କାମ କରିଆସୁଛି। ୧୨ରୁ ଊର୍ଦ୍ଧ୍ୱ ମେଗା ସିରିୟଲରେ କାମ କରିସାରିଲିଣି।

**ପୁଅ ଭଲପାଏ ମୋ ଅଭିନୟ:** ପୁଅ କେଶବ ମୋ ଅଭିନୟକୁ ବହୁତ ଭଲ ପାଏ। ସେ ମୋ ନେଗେଟିଭ ଚରିତ୍ରକୁ ନେଇ ଅନେକ ଥଟ୍ଟା ମଜା କରେ। ତା’ର ବି ଇଚ୍ଛା ଅଭିନୟ କରିବାକୁ ହେଲେ ମୋର ଇଚ୍ଛା ନୁହେଁ। ତେଣୁ ସେ ତା’ ଲାଇନ୍‌ରେ କିଛି କରିବ ବୋଲି ଚେଷ୍ଟା କରୁଛି।

**ପ୍ରିୟ ଖାଦ୍ୟ:** ଓଡ଼ିଶାର ସବୁ ଖାଦ୍ୟ ମତେ ବହୁତ ଭଲଲାଗେ। ଡାଲମା ତ ଯେମିତି ବି ହେଉ କରେ। ଏହାବାଦ୍ ଯେହେତୁ ମୁଁ ଜଣେ ସାଉଥ ଇଣ୍ଡିଆନ, ମତେ ଦକ୍ଷିଣ ଭାରତର ଟିଫିନ୍ ଆଇଟମ୍ ବହୁତ ଭଲ ଲାଗେ।

**ଅବସରରେ:** ଷ୍ଟିଚିଂ, ଏମ୍ବ୍ରୋଏଡରି କରିବା, ପଢାପଢି କରିବା ଭଲ ଲାଗେ। ହେଲେ ଏବେ ସମୟ ଅଭାବରୁ ବିଶେଷ କରିପାରୁନି।

**ସବୁଠୁ ସୁଖଦ ମୁହୂର୍ତ୍ତ:** ବାପାମା’ଙ୍କ ସହ ବିତାଇଥିବା ସମୟ ଥିଲା ଗୋଲ୍ଡେନ ମୋମେଣ୍ଟ। ଏହାବାଦ୍ ଯେବେ ମା’ ହେଲି ସେଇ ମୁହୂର୍ତ୍ତ ଥିଲା ଅବର୍ଣ୍ଣନୀୟ। ଆଉ ଯେବେ ସେ ମତେ ପ୍ରଥମ ଥର ମା’ ଡାକିଲା ସେଇ ଡାକ ଶୁଣି ମୁଁ ବହୁତ ଖୁସି ହୋଇଯାଇଥିଲି।

**ଦୁଃଖଦ ମୁହୂର୍ତ୍ତ ଓ ଅବସୋସ:** ଅଭିନୟକୁ ନେଇ ଯାହା ହାସଲ କରିବାକୁ ଚାହୁଁଥିଲି ତାହା ପାଇ ପାରିଲିନି। କୁଚକ୍ରାନ୍ତ ଓ ଭେଦଭାବରେ ଅତିଷ୍ଠ ହୋଇ ଇଣ୍ଡଷ୍ଟ୍ରୀ ଛାଡିଲି। ସେଥିପାଇଁ ଏବେ ବି ମୋ ମନରେ ଅବସୋସ ଅଛି।

**–ଶିବାନୀ ମହାନ୍ତି**



# ଅଙ୍ଗୀକାରର ପଥ: ଶିକ୍ଷକ ସୁରେନ୍ଦ୍ର





ପ୍ରାଚୀନ ଗୁରୁକୁଳର ଆଦର୍ଶ ହିଁ ତାଙ୍କ ଆଦର୍ଶ । ମୂଲ୍ୟବୋଧର ଗଭୀର ବିଶ୍ୱାସୀ ସେ । ଉଭୟ ପରିବାର ଓ ଅନୁଷ୍ଠାନ ତାଙ୍କ ପାଇଁ ଆଦର୍ଶର ପରୀକ୍ଷାଗାର । ଆଦର୍ଶ ଅନୁଶାସନ ଓ ଶୃଙ୍ଖଳା ତାଙ୍କର ଚରମ ଧ୍ୟେୟ । ସଂସ୍କୃତ ଶିକ୍ଷକ ହୋଇଥିଲେ ମଧ୍ୟ ଓଡ଼ିଆ ଭାଷା ପାଇଁ ସେ ଉତ୍ସର୍ଗୀକୃତ ପ୍ରାଣ । ବିଦ୍ୟାର୍ଥୀମାନେ ହିଁ ସବୁ ପରିବର୍ତ୍ତନର ବାହକ ସୁତରାଂ ତାଙ୍କର ସମସ୍ତ ନିଷ୍ଠା ବିନିଯୁକ୍ତ ହୁଏ ଛାତ୍ରୀଛାତ୍ରମାନଙ୍କୁ ଗଢ଼ିବାରେ – ବୃତ୍ତିରେ ଥିବାବେଳେ ଓ ସେବା ନିବୃତ୍ତ ହେଲାପରେ ମଧ୍ୟ । ତାଙ୍କର ଏହି ମନୋଭାବ ଯୋଗୁ  ସେ ଢେର ଲୋକପ୍ରିୟ ତାଙ୍କ ପରିସରରେ । ସେ ହେଉଛନ୍ତି **ସୁରେନ୍ଦ୍ର କୁମାର ଦାଶ**, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ । ଜନ୍ମ ୧୯୫୨ ମସିହା ଜୁନ ୩୦ ତାରିଖରେ । ଜୁମୁ ଶାସନ, ସୁକିନ୍ଦା, ଯାଜପୁର ଜିଲାରେ । ୧୯୭୪ ମସିହାରେ ଭଦ୍ରକ ସଂସ୍କୃତ ଅନୁଷ୍ଠାନରୁ ମଧ୍ୟମା ପରୀକ୍ଷାରେ ଓଡ଼ିଶାରେ କୃତିତ୍ୱର ସହ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି ସଂସ୍କୃତ ଶାସ୍ତ୍ରୀରେ ଅବିଭକ୍ତ ବାଲେଶ୍ୱର ଜିଲାରେ ପ୍ରଥମ ହୋଇ ୧୯୭୮ ମସିହାରେ ସଂସ୍କୃତ ଆଚାର୍ଯ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷକତାକୁ ଆଦରି ନେଲେ । ସଂସ୍କୃତ ଶିକ୍ଷକ ବୃତ୍ତିକୁ କାହିଁକି ଆପଣେଇ ନେଲେର ପ୍ରଶ୍ନର ଉତ୍ତରରେ ସୁରେନ୍ଦ୍ର କୁହନ୍ତି, ମାଟ୍ରିକ ପରେ କଲେଜ ପଢ଼ିବାକୁ ଯଥେଷ୍ଟ ଆଗ୍ରହ ଥିଲା ସତ କିନ୍ତୁ ଘର ଠାରୁ ସର୍ବନିମ୍ନ ୨୫ କିଲୋମିଟର ଦୂରରେ ଥିବା କଲେଜରେ ପଢିବାକୁ ସେମିତି ଯୋଗାଯୋଗ ସୁବିଧା କିଛି ନ ଥିଲା କି ସେଠାରେ ମେସ୍ କି ହଷ୍ଟେଲରେ ରହି ପଢ଼ାପଢ଼ି କରିବାର ଆର୍ଥିକ ସ୍ୱଚ୍ଛଳତା ଘରେ ନ ଥିଲା । ଗାଁ ଗହଳିରେ ପ୍ରାୟତଃ ଶିକ୍ଷକତା ବୃତ୍ତିକୁ ପ୍ରାଧାନ୍ୟ ଦିଆଯାଉଥିଲା, ଯେଉଁମାନେ ବି ଶିକ୍ଷିତ ଥିଲେ ସଭିଏ ପ୍ରାୟ ପ୍ରାଇମେରୀ ସ୍କୁଲର ଶିକ୍ଷକ ଥିଲେ । ତେଣୁ ମାଟ୍ରିକ ପରେ ସିଟି ଟ୍ରେନିଂ ନେଇ ସୁରେନ୍ଦ୍ର କୁମାର ଦାଶ ଶିକ୍ଷକ ବୃତ୍ତିକୁ ଆଦରି ନେଲେ ଘରର ଆର୍ଥିକ ଅବସ୍ଥାକୁ ସମ୍ଭାଳି ନେବା ପାଇଁ । ସୁରେନ୍ଦ୍ର ଆହୁରି ବି କୁହନ୍ତି , ନିକଟସ୍ଥ ଗ୍ରାମ ହରିପୁରର ଜଣେ ସ୍ୱାଧୀନତା ସଂଗ୍ରାମୀ ହରେକୃଷ୍ଣ ଭୂୟାଁ ଯାହାଙ୍କୁ ଲୋକେ ଆଦରରେ ନଦୀକୂଳ ଗାନ୍ଧୀ ବୋଲି କହୁଥିଲେ ସେ ସୁରେନ୍ଦ୍ରଙ୍କ ପିତାଙ୍କୁ ତାଙ୍କ ଚାରି ପୁତ୍ର ସନ୍ତାନ ମଧ୍ୟରୁ ଜଣଙ୍କୁ ସଂସ୍କୃତ ଶିକ୍ଷକ କରେଇବାକୁ ପ୍ରୋତ୍ସାହିତ କରୁଥିଲେ । ନିଜ ଚେଷ୍ଟାରେ ହରେକୃଷ୍ଣ ଭୂୟାଁ କରିଥିବା ହାଇସ୍କୁଲରେ ଥିବା ସଂସ୍କୃତ ଶିକ୍ଷକ ଜଣଙ୍କ ବୟସ୍କ ହୋଇଯାଇଥିଲେ ଯେହେତୁ । ପୁନଶ୍ଚ ସୁରେନ୍ଦ୍ରଙ୍କ ଜେଜେ ଦାମୋଦର ଦାଶ ସଂସ୍କୃତ ଅଧ୍ୟୟନ କରି ସୁକିନ୍ଦା ଗଡ଼ ରାଜ୍ୟର ରାଜ ଦରବାରରେ ମୁଖ୍ୟ ପଣ୍ଡିତ ଆସନ ଅଳଙ୍କୃତ କରିଥିଲେ । ତେଣୁ ପଣ୍ଡିତ ପରିବାରର ପୁଅ ପଣ୍ଡିତ ହୁଅନ୍ତୁ ବୋଲି ପରିବାର ତରଫରୁ ଲକ୍ଷ୍ୟ ସ୍ଥିରୀକୃତ ହୋଇଯାଇଥିଲା । ଶିକ୍ଷାର୍ଥୀ ଥିବା ସମୟରେ ନିଜ ଶିକ୍ଷକଙ୍କ ସ୍ନେହ, ପ୍ରେରଣା ଓ ଅନୁଶାସନରେ ନିଜକୁ ଶୃଙ୍ଖଳିତ କରି ଗଢି ତୋଳିଥିବା ସୁରେନ୍ଦ୍ର ତାଙ୍କ ଶିକ୍ଷକ ଜୀବନରେ ଅନୁରୂପ ଭାବ ପୋଷଣ କରି ଛାତ୍ରୀଛାତ୍ରଙ୍କ ଅତ୍ୟନ୍ତ ପ୍ରିୟ ଶିକ୍ଷକ ହୋଇପାରିଥିଲେ ।

ମାଟି ମାଆର ସ୍ମୃତି ( ଖଣ୍ଡ କାବ୍ୟ), ତୃତୀୟ ରସ ( ଗଳ୍ପ ସଂକଳନ), ଫୁଲ ପାଖୁଡ଼ା  (କବିତା ସଂକଳନ ), ବିଚ୍ଛିନ୍ନ ଜୀବନ ( ଉପନ୍ୟାସ), ସମ୍ପର୍କ (ଉପନ୍ୟାସ ), ଦାଉ ( ଉପନ୍ୟାସ ), ଭିନ୍ନ ଜୀବନ( ଗଳ୍ପ ସଂକଳନ ), ବଉଳ ( ଗୀତିକାବ୍ୟ), ମଣିକାଞ୍ଚନ(ଉପନ୍ୟାସ) ଭଳି ପୁସ୍ତକ ରଚନା କରିଥିବା ସୁରେନ୍ଦ୍ରଙ୍କ ସର୍ଜକ ସତ୍ତା ତାଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ବିଭବ । ଲେଖାଲେଖି ପ୍ରତି ଆଗ୍ରହ କେବେଠାରୁ ଉତ୍ତରରେ ସୁରେନ୍ଦ୍ର କୁହନ୍ତି, ଜେଜେବାପାଙ୍କ ହାତଲେଖାରେ ଥିବା ସାତଖଣ୍ଡ ରାମାୟଣ ମୁଁ ପିଲାଦିନରୁ ପଢି ସାରିଥିଲି । ଗଳ୍ପ ହେଉ କି କବିତା ଅଥବା ପ୍ରବନ୍ଧ ନିଜର ଭାବକୁ ପ୍ରକାଶ କରିବାର ଅଦମ୍ୟ ଇଚ୍ଛାକୁ ମୁଁ ଶିକ୍ଷକତାର ପ୍ରଥମ  କେତେ ବର୍ଷ ଜେନାପୁର ହାଇସ୍କୁଲରେ କାମ କରୁଥିଲାବେଳେ କରିପାରିଥିଲି ପାରିପାର୍ଶ୍ୱିକ ପ୍ରେରଣାରୁ ।





ପ୍ରାଥମିକ ସ୍ତରରେ ସଂସ୍କୃତରେ ଦେବଦେବୀ ସ୍ତୁତି, ବନ୍ଦନା, ଗୁରୁ ବିଦ୍ୟା ବନ୍ଦନା ପ୍ରଶସ୍ତି ଲେଖୁଥିଲେ ସେ । ବିଦ୍ୟାଳୟ ଓ ଘରୋଇ କାମରୁ ସମୟ ବାହାର କରି ମୌଳିକ ରଚନାରେ ସ୍ୱଚ୍ଛନ୍ଦ ଭାବରେ ମନୋନିବେଶ କରିପାରି ନ ଥିବା ସୁରେନ୍ଦ୍ର ସମ୍ପ୍ରତି ସାହିତ୍ୟ ରଚନା ସହ ଶିକ୍ଷାଦାନ ଓ ଅନ୍ୟାନ୍ୟ ସାଙ୍ଗଠନିକ କାର୍ଯ୍ୟରେ ନିଜକୁ ବ୍ୟସ୍ତ ରଖିପାରିଛନ୍ତି ।

ଯାଜପୁର ଜିଲା ମାଧ୍ୟମିକ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ସଂଘର ରଜତ ଜୟନ୍ତୀ, ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତ ଏକାଡେମୀ ଦ୍ୱାରା 'ପ୍ରଜ୍ଞାପ୍ରାଣ', ସତ୍ୟନାରାୟଣ ପାଠାଗାର ଦ୍ୱାରା ପ୍ରଣାମ ଗୁରୁଜୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି ସୁରେନ୍ଦ୍ର କୁମାର ଦାଶ । ସମ୍ମାନ କି ସମ୍ବର୍ଦ୍ଧନା ପାଇଁ କେବେ ବି ଆଶାୟୀ ନ ଥିବା ସୁରେନ୍ଦ୍ର ନିଜ ସୀମିତ ସମ୍ବଳ ଭିତରେ ମେଧାବୀ ପିଲାମାନଙ୍କୁ ପ୍ରୋତ୍ସାହିତ କରିଆସିଛନ୍ତି । ୨୦୧୦ମସିହାରେ ଅବସର ନେବା ପୂର୍ବରୁ ସୁକିନ୍ଦାର ବାଳକ ହାଇସ୍କୁଲ , ବାଳିକା ହାଇସ୍କୁଲ, ମହାଦେବ ହାଇସ୍କୁଲରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ମୂଲ୍ୟାଙ୍କ ରଖି ଉତ୍ତୀର୍ଣ୍ଣ ଶିକ୍ଷାର୍ଥୀଙ୍କୁ 'ପ୍ରତିଭା ସମ୍ମାନ' ଆକାରରେ ପ୍ରମାଣପତ୍ର ସହ ଆର୍ଥିକ ପ୍ରୋତ୍ସାହନ ଦେଇ ଆସୁଛନ୍ତି ସେ । ଆଦର୍ଶର ଏହି ମାର୍ଗରେ ଜୀବନକୁ ନିରନ୍ତର ଗଢି ଚାଲିବା ତାଙ୍କର ଅଭିପ୍ସା । ଶୁଦ୍ଧ ଓ ତ୍ରୁଟିଶୂନ୍ୟ ଭାବରେ ଓଡ଼ିଆରେ ଲେଖିବା ଏବଂ ପରବର୍ତ୍ତୀ ପିଢ଼ିକୁ ଏହି ଦିଗରେ ଆଗେଇନେବା ତାଙ୍କର ଅଭିରୁଚି । ଏବେ ବି ସେ ଏହାକୁ ମୂଳମନ୍ତ୍ର କରି ଏହି କ୍ଷେତ୍ରରେ କାମ କରୁଛନ୍ତି ଆଉ ତାଙ୍କ ଇଚ୍ଛା ଜୀବନର ଶେଷ ପର୍ଯ୍ୟନ୍ତ ଓଡ଼ିଶା ଭାଷା ପାଇଁ କାମ କରିବେ ।





**–ମାନମୟୀ ରଥ**
*ସେଣ୍ଟ ଜାଭିଅର କିତ୍ସ, ବାଲିପୁଟ, ପୁରୀ*
*ମୋ: ୭୯୭୮୫୭୯୩୯୯*



# ମଶାଣି

–ଅମିୟ ରଞ୍ଜନ ଧୂପାଳ

**ଗାଁ**ଠୁ ଖଣ୍ଡେ ଦୂରରେ ତା' ଠିକଣା । ଟିକେ ନିର୍ଜନ ଆଉ ଖାଁ ଖାଁ । ସଞ୍ଜ ନୁହେଁ, ଦିନ ଦ୍ୱିପ୍ରହରରେ ବି ସିଆଡ଼େ ଯିବାର ସାହସ କାହାର ହୁଏନି । ଖାଲି ବୟସ୍କ ନୁହନ୍ତି, ରୋଗ ବ୍ୟାଧି ହେଉ କି ଆତ୍ମହତ୍ୟା, ଭେଣ୍ଡିଆ ପୁଅ ଝିଅ ବି ସେଇଠି ପାଉଁଶ ହୋଇଛନ୍ତି । ସେଇ ଜାଗା ଖଣ୍ଡକ ଗାଁକୁ ସିଧା ଯୋଡୁଛି ସ୍ୱର୍ଗ ସହ । ନାଁ ତା'ର ମଶାଣି । କୁନି କୁନି ପିଲାଙ୍କଠୁ ଆରମ୍ଭକରି ସୁସ୍ଥସବଳ ପ୍ରାପ୍ତ ବୟସ୍କଙ୍କ ଯାଏଁ, ଭୟଙ୍କର ଭୟର ଉପକ୍ରମ ପାଇଁ ତା'ର ନାମ ହିଁ ଯଥେଷ୍ଟ ।

ସେଦିନ ଖରାବେଳେ ଖୁବ୍ ଅଝଟ ହେଉଥିଲା ପଲ୍ଲବୀ । ଖରାବେଳ ଯାଏଁ ଧାନ ଉଁସୁନା ହାଣ୍ଡି ପରି ମୁହଁ କରି ବସିଥିଲା ପିଣ୍ଡା କଣରେ । ରୋଷେଇ ସାରି ଖାଇବାକୁ ଡାକିଲାବେଳେ ଆରମ୍ଭ ହେଲା ମହାଭାରତ । ଭେଁ ଭେଁ କାନ୍ଦରେ ପୂରା ଗାଁ ଉଠିଲା ଆଉ ପଡ଼ିଲା । ଏସବୁର କାରଣ ବି ଥିଲା ଅଜବ । ସକାଳେ ମାଆ ପାଖେ ଅଳି ଥିଲା ମନ ପସନ୍ଦର କଖାରୁଫୁଲ ବରା ପାଇଁ । ହେଲେ ସେତକ ଅଳି ପୂରଣର କୌଣସି ସମ୍ଭାବନା ନ ଦେଖି ରୁଷିଥିଲା ସେ । ଖାଇବା ଥାଳି ଦେଖିଲା ପରେ ଅଭିମାନତକ ଅମାନିଆ କୋହ ଆଉ ଲୁହ ହୋଇ ଆଖିର ସୀମା ଅତିକ୍ରମ କଲେ । ସେତେବେଳେ ମାଆର ଶେଷ ଅସ୍ତ୍ର ଥିଲା ମଶାଣି । ତୃତୀୟରେ ପଢୁଥିବା ସେଇ ଟିକି ପରୀର କାନ୍ଦ ବନ୍ଦ କରିବାକୁ ମାଆ ବାଧହୋଇ ନେଇଯାଇଥିଲା ସେ ମଶାଣି ଆଡ଼େ । ଭୟରେ କାନ୍ଦ ତ ବନ୍ଦ ହୋଇଯାଇଥିଲା, ହେଲେ ତା' ପରେ ମାଆକୁ ଆଗାମୀ ତିନିଦିନ କାନ୍ଦିବାକୁ ପଡ଼ିଥିଲା । ଭୀଷଣ ଜ୍ୱରରେ ପୀଡ଼ିତ ହୋଇ ଖାଇବା ପିଇବା ବନ୍ଦ କରିଦେଇଥିଲା ପଲ୍ଲବୀ । ଶେଷରେ କେତେ ଝଡ଼ାଫୁଙ୍କା ପରେ ସୁସ୍ଥ ହୋଇଥିଲା ସେ ।

ଇତିମଧ୍ୟରେ ଏ ଘଟଣାକୁ ୩୦ ବର୍ଷ ବିତିଲାଣି । ହେଲେ ଏଇ ମଶାଣି ପାଖେ ଆଜି ସକାଳେ ଏତେ ଭିଡ଼ କାହିଁକି ? ଏ ପ୍ରଶ୍ନର ଉତ୍ତରରେ ପାଗଳୀ ନାନୀ କହି କହି ଚାଲିଗଲା, ''ପଲ୍ଲୀ ପରା କାଲି ରାତିରୁ ସେ ମଶାଣିରେ ଶୋଇଛି । ତା' ପୁଅର ପିଣ୍ଡି ଉପରେ କାନ୍ଦି କାନ୍ଦି ବେହୋସ ହୋଇପଡ଼ିଛି ।'' ମଶାଣି ଆଡ଼େ ଧାଇଁଯାଉଥିବା ପାଦଟି ହଠାତ୍ ଅଟକିଗଲା । ସାମାନ୍ୟ ପ୍ରକୃତିସ୍ଥ ହେଲା ପରେ ଆଖି ସାମ୍ନାରେ ନାଚିଗଲା କିଛିଦିନ ମଧ୍ୟରେ ଗାଁରେ ଘଟିଯାଇଥିବା ସମସ୍ତ ଘଟଣାବଳୀ । ୧୨ଦିନ ପୂର୍ବେ ଏଇ ମଶାଣିରେ ପାଉଁଶ ହୋଇଥିଲା ପଲ୍ଲୀର ମାଆ । ଆଉ ଦଶଦୁଠରେ ଗାଧୋଇବାକୁ ଯାଇ ହଜିଯାଇଛି ପଲ୍ଲୀର ଏକମାତ୍ର ପୁଅ । ଅଷ୍ଟମ ଶ୍ରେଣୀରେ ପଢୁଥିଲା । କାହିଁ କେତେ ପ୍ରକାର ପହଁରା ଶିଖିଥିଲା । ହେଲେ ସେ ପୋଖରୀରେ ଜଗି ବସିଥିଲା କାଳ । ଝାମ୍ପିନେଲା କଅଁଳା ଜୀବନଟାକୁ । ଆଜିକୁ ତିନିଦିନ ହେଲାଣି ମାଆ ପେଟକୁ କ'ଣ ଦାନା ଯାଉଛି । ଝୁରି ଝୁରି ଜୀବନ ଯିବାକୁ ବସିଲାଣି । କ୍ଷଣିକ ପାଇଁ ଚେତା ଆସିଲେ ମୋ ଧନରେ... କୁଆଡ଼େ ଚାଲିଗଲୁରେ ବୋଲି ରଡ଼ିକରି କାନ୍ଦୁଛି । ଯେଉଁ ମଶାଣିର ନାଁ ଶୁଣି ଦିନେ ଅବୁଝା ଟିକି ଝିଅଟି ଭୟରେ ସବୁକିଛି ଗ୍ରହଣ କରିନେଇଥିଲା, ଗତ ରାତି ସେ ମଶାଣିରେ କାଟିଛି ।

–ପଦ୍ମପୁର, ଭଦ୍ରକ
ମୋ: ୮୯୮୪୦୨୮୮୭୨

# ସମୟ

–ସନ୍ତୋଷ କୁମାର ମେହେର

**ସ**ମୟ
ସେ ତ ବଳବାନ୍
କେତେବେଳେ କ'ଣ  ଘଟିବ ?
ତାହା ସେ ହିଁ କହିବ ;
ହିସାବ ନିକାସ କରି
ଉଚିତ ଜବାବ ଦେବ,
ମୁକାବିଲା କରିବ ଅନ୍ୟାୟ ଆଉ
ଅତ୍ୟାଚାର ବିରୋଧରେ ...
ସୃଜିବ କାଳ କାଳ ପାଇଁ ନୂତନ ସକାଳଟିଏ
ଜୀବନ ମହାସଂଗ୍ରାମର
ସଜିଲ କରୁଥିବ କାଳରୁ କାଳାନ୍ତର
ରଚି ନୂଆ କେତେ ଇତିହାସ, ଜୀବନ
ପୃଷ୍ଠାର... ।

–ଜୁନାଗଡ଼, କଳାହାଣ୍ଡି
ମୋ: ୯୦୭୮୭୭୭୧୭୪

# ଘର

ଡ. ନିର୍ମଳ ଚନ୍ଦ୍ର ଶୂରଦେଓ

**ଘ**ର
ମୂର୍ତ୍ତି ନ ଥିବା ଏକ ସୁନ୍ଦର ମନ୍ଦିର,
ଚାରି କାନ୍ଥର
ଏକ ପ୍ରସ୍ତୁଷ୍ଠ ଇସ୍ତାହାର ।

ଘର ଭିତରେ ଥିବା ସଂପର୍କ
ଛାଇଆଲୁଅ ଭିତରେ ଥିବ
ଭଲ ପାଇବାର ଅତୁଟ  ବନ୍ଧନ
ରାଗ, ରୁଷା ଭିତରେ ଥିବ
ମମତାର ସ୍ନେହବୋଳା ହାତ
ନ ଥିଲେ ବି କିଛି
ସବୁ ଥିବାର ପ୍ରତିଶ୍ରୁତି ଭିତରେ
ଏ ଘର ପାଲଟୁଥିବା ସମସ୍ତଙ୍କ ପାଇଁ
ସ୍ୱପ୍ନର ଘର ।
ଘର
ଇଟା, ବାଲି, ସିମେଣ୍ଟର ଚାରିକାନ୍ଥ ନୁହେଁ,
ସବୁରି ଆତ୍ମାର ଏକ
ଫର୍ଚ୍ଚା ଅମରାବତୀଟିଏ
ଯେଉଁଠି ନ ଥିବ ଶୋକ ଅବା ଦୁଃଖ,
ଏସବୁକୁ ପାର ହେବାପାଇଁ
ଯେଉଁଠି ଥିବ–
ବାଇଶି ପାହାଚ
ସେ ହିଁ ଘର
ଅମୃତର ଏକ ସଫେଦ ବଳୟ
ସଭିଙ୍କ ସ୍ୱପ୍ନର ଘର ।

–ପୁରୁଣା ସହର,ନୟାଗଡ–୨
୯୯୩୮୩ ୦୯୬୫୨



# ଖୋଜୁଛନ୍ତି ଆଲିଆ



କଥାରେ ଅଛି ଅପେକ୍ଷାର ଫଳ ମିଠା। ହେଲେ ସେ ପର୍ଯ୍ୟନ୍ତ ନିଜର ଧୈର୍ଯ୍ୟ ରହିବା ହେଲା ବଡ କଥା। ଏମିତି ଏକ ଅପେକ୍ଷାରେ ଅଛନ୍ତି ଆଲିଆ ଭଟ୍ଟ। ତେବେ ସେ କାହାକୁ ଅପେକ୍ଷା କରିଛନ୍ତି ଜାଣିବେନି ? କଥା କ'ଣ କି ସେ ଏକ କମେଡିଭିତ୍ତିକ କାହାଣୀ ଖୋଜୁଛନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ତାଙ୍କର ଜଣେ ପ୍ରଯୋଜକଙ୍କ ସହ ଭେଟ ହୋଇଥିଲା। ଆଲୋଚନା ପ୍ରସଙ୍ଗରେ ଆଲିଆ ତାଙ୍କୁ କହିଥିଲେ ଯେ, 'ମୁଁ ଏକ କମେଡଭିତ୍ତିକ କାହାଣୀ ଖୋଜୁଛି।' ଏକଥା ଜାଣିବା ପରେ ସେହି ପ୍ରଯୋଜକଙ୍କର ଉତ୍ସାହ ବଢ଼ିଯାଇଥିଲା। ତାଙ୍କୁ ସେ କହିଥିଲେ, ଯଦି ଆପଣ ଏଭଳି ଏକ ଭଲ କାହାଣୀଟିଏ ପାଆନ୍ତି ତେବେ ମୋ ସହ ଯୋଗାଯୋଗ କରିପାରନ୍ତି। ଆଉ ତା'ପରେ ଆଲିଆ ସେଥିପାଇଁ ଦିନରାତି ଏକାଠି କରିଦେଇଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ବର୍ତ୍ତମାନ ମୁଁ କମେଡିକୁ ଆଧାର କରି କାହାଣୀଟିଏ ଖୋଜୁଛି। ଅବଶ୍ୟ ୟା ଭିତରେ ମୋତେ ୨-୩ଟି ଏପରି କାହାଣୀ ମିଳିଥିଲା, ହେଲେ ସେଗୁଡିକ ମୋତେ ପ୍ରଭାବିତ କରିପାରି ନ ଥିଲା। ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି ଯେ, ମୋର ଏହି କାହାଣୀ ମିଶନ ନିଶ୍ଚୟ ସଫଳ ହେବ। ଅବଶ୍ୟ ଏଥିପାଇଁ ସମୟ ଲାଗିପାରେ, ହେଲେ ସେ ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିବାକୁ ପ୍ରସ୍ତୁତ ଅଛି।'' ତେବେ ଆଲିଆଙ୍କର ଏହି କାହଣୀ ଖୋଜାର ପରିଣାମ କ'ଣ ହେଉଛି ତାହା ଜାଣିବାକୁ ଆମକୁ ଅପେକ୍ଷା କରିବାକୁ ପଡିବ।



ଆଲିଆ

# ଶ୍ରୁତିଙ୍କ ନୂଆ ଯୋଜନା

ଶ୍ରୁତି ହାସନଙ୍କ ମୁଣ୍ଡକୁ ଏବେ ଏକ ନୂଆ କଥା ଜୁଟିଛି। ଅଭିନୟ ତ ଚାଲୁ ରହିବ, ତା' ସହ ସେ ଆଉ ଏକ କ୍ଷେତ୍ରରେ ବି ପାଦ ରଖୁଛନ୍ତି । ତାହା ହେଲା ପରିବେଶ ସୁରକ୍ଷା। କଥା କ'ଣ କି ନିକଟରେ ସେ ସାଙ୍ଗମାନଙ୍କ ସହ ଏକ ହିଲ୍ ଷ୍ଟେସନକୁ ବୁଲିବାକୁ ଯାଇଥିଲେ। ସେଠାକାର ସବୁଜିମା ପରିବେଶ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଆଉ ତା'ପରେ ସେ ଏକ ନୂଆ ଯୋଜନା କରିଛନ୍ତି। ତାହା ହେଲା ପରିବେଶ ସୁରକ୍ଷା। ଏ ନେଇ ନିଜ ପଟରୁ ସେ କ'ଣ କରିପାରିବେ ସେନେଇ ଯୋଜନା ପ୍ରସ୍ତୁତ କରିବାରେ ଲାଗିପଡିଛନ୍ତି। ଏ ନେଇ ଶ୍ରୁତି କହନ୍ତି, ''ନିକଟରେ ମୁଁ ମୋର କେତେଜଣ ସାଙ୍ଗଙ୍କ ସହ ମନାଲି ବୁଲିବାକୁ ଯାଇଥିଲି। ସେଠାକାର ପ୍ରାକୃତିକ ଦୃଶ୍ୟର ଆମେ ଭରପୁର ମଜା ଉଠାଇଥିଲୁ। ଆଉ ସେଇଠି ମୋ ମନରେ ପରିବେଶ ସୁରକ୍ଷା ନେଇ ଭାବନା ଜାଗ୍ରତ ହୋଇଥିଲା। ସେଠାରୁ ଫେରିବା ପରେ ଏନେଇ ପାପା (କମଲ ହାସନ)ଙ୍କ ସହ ଆଲୋଚନା କଲି। ସେ ମୋର ଏଭଳି ଯୋଜନାକୁ ବେଶ୍ ପ୍ରଶଂସା କରିଥିଲେ। କେବଳ ସେତିକି ନୁହେଁ, ଆବଶ୍ୟକ ପଡିଲେ ତାଙ୍କ ପଟରୁ ଯେତିକି ସାହାଯ୍ୟ କରାଯାଇପାରିବ ସେ କରିବାକୁ ରାଜି ଅଛନ୍ତି। ତେଣୁ ଖୁବ୍ ଶୀଘ୍ର ମୋର ଏଭଳି ଯୋଜନାର ଚୁଡାନ୍ତ ରୂପରେଖ ପାଇବାକୁ ଯାଉଛି। ଆଶା ରଖିଛି ଏ କ୍ଷେତ୍ରରେ ମୁଁ ସଫଳ ହେବି।'' ତେବେ ଶ୍ରୁତି ପରିବେଶ ସୁରକ୍ଷାରେ କେତେ ସଫଳ ହେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।

# ସବୁ ଗୁଜବ




କ୍ୟାଟ୍ରିନା କୈଫଙ୍କ ଟେନ୍‌ସନ୍ ଏବେ ବଢ଼ିଯାଇଛି। କେମିତି ବା ବଢ଼ିବ ନାହିଁ କହୁନାହାନ୍ତି ? ଏକଥା ଯିଏ ଶୁଣିବ ସେ ମଧ୍ୟ ଚିନ୍ତାରେ ପଡିଯିବ। ସେ କୁଆଡେ ନିଜ ପାରିଶ୍ରମିକ ବଢ଼ାଇ ଦେଇଛନ୍ତି। ଏଭଳି କଥା ଯେତେବେଳେ କ୍ୟାଟ୍ରିନାଙ୍କ କାନରେ ପଡ଼ିଲା ସେତେବେଳେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଶେଷରେ ବାଧ ହୋଇ ଏ ବିଷୟରେ ମୁହଁ ଖୋଲିଛନ୍ତି। ଏଭଳି କଥାକୁ ନେଇ ସେ କହନ୍ତି, ''ଯେଉଁ କଥା ମୁଁ ଆପଣଙ୍କ ନିକଟରୁ ଶୁଣୁଛି ତାହା ପଛରେ ଆଦୌ ସତ୍ୟତା ନାହିଁ। କାରଣ ଏବେ ମୁଁ ମୋ ରେମ୍ୟୁନିରେଶନ ବଢ଼ାଇନାହିଁ। କେହି ହୁଏତ ମୋ ବିରୁଦ୍ଧରେ ଅପପ୍ରଚାର ଚଳାଇଛି। ଏପରି କଥାକୁ କେହି ବିଶ୍ୱାସ କରିବା ଠିକ୍ ନୁହେଁ। ଏକଥା ସତ ଯେ ନିକଟରେ ଜଣେ ନୂଆ ପ୍ରଯୋଜକ ମୋତେ ତାଙ୍କ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦେଇଛନ୍ତି ଏବଂ ସେଥିରେ ମୁଁ ରାଜି ହୋଇଛି। ହେଲେ ଏହି ଫିଲ୍ମ ପାଇଁ ମୁଁ ପାରିଶ୍ରମିକ ବଢ଼ାଇ ଦେଇଛି ଏବଂ ସେଥିରେ ପ୍ରଯୋଜକ ରାଜି ହୋଇଛନ୍ତି-ଏକଥା ଗୁଜବ ବ୍ୟତୀତ ଆଉ କିଛି ନୁହେଁ। ମୁଁ ସବୁବେଳେ ଭିନ୍ନ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସିବାକୁ ଚାହେଁ। କାରଣ ମୋର ଭେରାଇଟି ରୋଲ୍‌କୁ ଦର୍ଶକ ପସନ୍ଦ କରିଛନ୍ତି।''

କ୍ୟାଟ୍ରିନା

# ପାଖେଇ ଆସୁଛି ଦିନ

ଓଡ଼ିଆ ସିନେମା ଜଗତର ଅନ୍ୟତମ ଆଗଧାଡିର ହାସ୍ୟାଭିନେତା ପପୁ ପମପମ । ଖୁବ୍ ଶୀଘ୍ର ସେ ଓଡ଼ିଆ ଦର୍ଶକଙ୍କ ସାମ୍ନାକୁ ଏକ ଭିନ୍ନ ରୂପରେ ଆସୁଛନ୍ତି। ଅବଶ୍ୟ ଏହାପୂର୍ବରୁ ସେ ନିଜକୁ ଜଣେ ଆଗଧାଡିର ହାସ୍ୟାଭିନେତା ଭାବରେ ପ୍ରମାଣ କରିସାରିଛନ୍ତି। ହେଲେ ତାଙ୍କ ଅଭିନୀତ ଆଗାମୀ ଫିଲ୍ମରେ ରହିଛି କିଛି ସ୍ୱତନ୍ତ୍ରତା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ସିନେମାରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ତା'ସହ କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଏହି ଫିଲ୍ମଟି ଚଳିତ ମାସ ୧୧ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚିତ୍ରଟିର ଟାଇଟଲ ରହିଛି 'ଡଷ୍ଟବିନ୍'। ଏ ବିଷୟରେ ପପୁ କହନ୍ତି, ''ଏହାର କାହାଣୀରେ ଭିନ୍ନତା ରହିଛି। ଦର୍ଶକ ଏଥିରୁ ଲଭ୍, ଇମୋଶନ, କମେଡି ଆଦିର ମଜା ନେଇ ପାରିବେ। କେ. କେ ସାହୁ ଫିଲ୍ମର ପ୍ରଯୋଜକ ଥିବା ବେଳେ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପ୍ରଦୀପ୍ତ ସ୍ୱାଇଁ। ସଂଳାପ ରଚନା କରିଛନ୍ତି ଡ. ଦୀପକ ଜେନା। ନବାଗତା ପ୍ରାଚୀ, ଦୀପାନ୍ୱିତ ଦାସ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, ଜୀବନ ପଣ୍ଡା, ଅରବିନ୍ଦ ଷଡ଼ଙ୍ଗୀ, ଟୁକୁନା ଷ୍ଟାଇଲିସ ଓ ମନୋଜ ସ୍ୱାଇଁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।



'ଡଷ୍ଟବିନ୍' ଫିଲ୍ମରେ ପପୁ

# ସବୁ କିଛି ଡାର୍ଲିଂଙ୍କ ପାଇଁ..

ଦକ୍ଷିଣ ଭାରତୀୟ ସିନେମାରେ ଆଗଧାଡିର ତଥା ଲୋକପ୍ରିୟ ଅଭିନେତାଙ୍କ ମଧ୍ୟରୁ ପ୍ରଭାସ ଅନ୍ୟତମ। 'ବାହୁବଲୀ' ତାଙ୍କୁ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇସାରିଛି। ତେବେ ନିଜ ଅଭିନୟ ଜୀବନରେ ସେ ଯାହା କରିଛନ୍ତି ଏବଂ ଯାହା ପାଇଛନ୍ତି ସବୁକିଛି ଡାର୍ଲିଂଙ୍କ ପାଇଁ। ହେଲେ ସେ ଡାର୍ଲିଂ କିଏ ? ତାଙ୍କର ନାମ କ'ଣ ? କେବେଠାରୁ ତାଙ୍କ ସହ ସେ ଯୋଡି ହେଲେ ? ଏମିତି ଅନେକ ପ୍ରଶ୍ନ ମନ ଭିତରେ ଉଙ୍କି ମାରିବା ସ୍ୱାଭାବିକ। ହେଲେ ପାଠିକା-ପାଠକଙ୍କ ମନରୁ ପ୍ରଥମେ ଏହି ଭ୍ରମ ଦୂର କରିଦେବା ଯେ, ଏହି ଡାର୍ଲିଂ ଜଣଙ୍କ କୌଣସି ରୂପସୀ ନୁହଁନ୍ତି। ସେ ହେଉଛନ୍ତି ତାଙ୍କର ପ୍ରଶଂସକମାନେ। ଅର୍ଥାତ୍, ନିଜ ପ୍ରଶଂସକମାନଙ୍କୁ ପ୍ରଭାସ ଶ୍ରଦ୍ଧାରେ 'ଡାର୍ଲିଂ' ବୋଲି ସମ୍ବୋଧନ କରନ୍ତି। ଆଉ ଏକ କଥା ଜାଣନ୍ତି ? ତାମିଲ ଫିଲ୍ମରେ ଅଭିନୟ କରିବା ପୂର୍ବରୁ ସେ 'ଆକ୍ସନ ଜ୍ୟାକସନ' ନାମକ ହିନ୍ଦୀ ସିନେମାର ଏକ ଗୀତରେ ଅଭିନୟ କରିଥିଲେ।



ପ୍ରଭାସ

# ଅଭ୍ୟାସ କରୁଛନ୍ତି ଅନନ୍ୟା

ଅନନ୍ୟା ପାଣ୍ଡେ ଏବେ ଗୋଟିଏ କାମରେ ନିଜକୁ ନିୟୋଜିତ ରଖିଛନ୍ତି। ତାହା କ'ଣ ଜାଣନ୍ତି ? ପାଠ ପଢ଼ାଇବ। ଅସଲ କଥା ହେଲା ଖୁବ୍‌ଶୀଘ୍ର ସେ ବଡ଼ ପରଦାରେ ଶିକ୍ଷୟିତ୍ରୀ ଭୂମିକାରେ ଦେଖାଦେବେ। ଏଭଳି ଭୂମିକା ସମ୍ପର୍କରେ ଅନନ୍ୟା କହନ୍ତି, ''ଜଣେ ଶିକ୍ଷୟିତ୍ରୀ କେତେ କଷ୍ଟ ସ୍ୱୀକାର କରି ନିଜ ପରିବାରକୁ ଚଳାଉଛି ପୁଣି ତା' ଚଲାପଥରେ କେତେ ବାଧାବିଘ୍ନ ଆସୁଛି ତାହାକୁ ଆଧାର କରି କାହାଣୀ ଆଗେଇଛି। ଏଭଳି ଭୂମିକା ପାଇଁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲିଣି। କେବଳ ସେତିକି ନୁହେଁ, କେତେଜଣ ସ୍କୁଲ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରି ପାଠପଢ଼ାଇବାର ତରିକା ମଧ୍ୟ ଶିଖୁଛି। ଆଶା ରଖିଛି ମୋର ଏହି ଭୂମିକାକୁ ଦର୍ଶକ ପସନ୍ଦ କରିବେ।'' ଅନନ୍ୟାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨'ରୁ। ତେବେ ଅନନ୍ୟାଙ୍କ ଶିକ୍ଷୟତ୍ରୀ ଭୂମିକା ତାଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।



ଅନନ୍ୟା

ପ୍ରଥମ ରୋଜଗାର

# ପ୍ରଥମ ଦରମା ବୋଉକୁ ଦେଇଥିଲି



ଓଡ଼ିଶା ଅର୍ଥ ସେବା ଅଧିକାରୀ **କଳ୍ପନାରାଣୀ ଛୁଆଳସିଂହ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଖୋ**ର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ମଙ୍ଗଳାଯୋଡ଼ି ଗ୍ରାମପଞ୍ଚାୟତର ନୂଆପଡ଼ା ଗାଁର ଏକ ପାଇକ ପରିବାରରେ ମୋ ଜନ୍ମ। ମୁଁ ଘରର ପ୍ରଥମ ସନ୍ତାନ। ଗାଁଟି ନିପଟ ମଫସଲ। ବାବା ଆମ ଅଞ୍ଚଳର ଜଣେ ଛାତ୍ରବତ୍ସଳ ଶିକ୍ଷକ ଆଉ ବୋଉ ମୋର ଜଣେ ସ୍ନେହୀ ଓ ଧର୍ମପରାୟଣା ମହିଳା। ବାବାବୋଉଙ୍କ ବିବାହର ଅନେକ ବର୍ଷ ପରେ ମୋର ଜନ୍ମ। ହେଲେ କନ୍ୟା ସନ୍ତାନଟିଏ ହୋଇଥିବାରୁ ଘରର କିଛି ନିକଟ ତଥା ଦୂର ସମ୍ପର୍କୀୟଙ୍କ ମଧ୍ୟରେ ନୈରାଶ୍ୟ ତଥା ଦୁଃଖର ମାହୋଲଟିଏ ଥିଲା। କିନ୍ତୁ ବାବାବୋଉଙ୍କର ଦମ୍ଭୋକ୍ତି ଥିଲା ଆମ ଝିଅ ପୁଅମାନଙ୍କଠାରୁ ବି ବହୁତ ଆଗକୁ ଯିବ; ଯାହାକି ମୋ ପାଇଁ ସର୍ବଦା ପ୍ରେରଣାର ଉତ୍ସ ସଦୃଶ ଥିଲା। ଗାଁରେ ବାଲ୍ୟଶିକ୍ଷା ସମାପ୍ତ ପରେ ପୁରୀ ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟରେ ଯୁକ୍ତ ୨, କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରୁ ପ୍ରାଣୀ ବିଜ୍ଞାନରେ ସ୍ନାତକ ଏବଂ ଭଞ୍ଜବିହାରରୁ ସଫଳତାର ସହ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହେବା ପରେ ୨୦୧୬ ମସିହାରେ ମୁଁ ସଚିବାଳୟରେ ସହକାରୀ ଉପବିଭାଗ ଅଧିକାରୀ(ଏଏସ୍‌ଓ) ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗରେ ଯୋଗଦେଲି। ପ୍ରଥମ ମାସର ଦରମା ଯେଉଁଦିନ ମିଳିଲା ସିଧା ଯାଇ ବୋଉ ହାତରେ ଧରେଇଦେଲି। କାରଣ କ୍ୟାରିୟରରେ ମୁଁ କେମିତି ଆଗକୁ ଯାଏ, ସେ ନେଇ ବାବାବୋଉ ଉଭୟ ମୋତେ ପ୍ରେରଣା ଦେଉଥିଲେ ବି, ଛାଇ ଭଳି ମୋ ପଛେ ପଛେ ବୋଉ ଲାଗି ରହୁଥିଲା। ତେଣୁ ହାତରେ ତା'ର ଦରମା ଟଙ୍କା ଧରେଇ ଦେଇ ତା' ମୁହଁରୁ ଟିକେ ଆତ୍ମସନ୍ତୋଷର ହସ ଦେଖିବାକୁ ମୁଁ ଏମିତି କରିଥିଲି। ସତକୁ ସତ ସେଦିନ ବୋଉ ବହୁତ ଖୁସି ହୋଇଥିଲା। ଆଉ ମୋରି ଟଙ୍କାରେ ଭୋଗ କିଣି ଆଣି ଠାକୁର ପୂଜା କରିବା ସହ ଗାଁରେ ଛୋଟ ଭୋଜିର ବି ଆୟୋଜନ କରିଥିଲା। ଏମିତି ଭାବେ ପ୍ରଥମ ରୋଜଗାର ଟଙ୍କା ଖର୍ଚ୍ଚ ହୋଇଥିଲା।

ପରେ ୨୦୨୦ରେ ଓଡ଼ିଶା ସିଭିଲ ସର୍ଭିସେସ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶା ଅର୍ଥ ସେବାରେ ମୁଁ ଯୋଗ ଦେଲି। ଆଉ ବର୍ତ୍ତମାନ ସହକାରୀ ଆୟୁକ୍ତ, ବାଣିଜ୍ୟ କର, ଦ୍ରବ୍ୟ ଓ ସେବା କର ଭାବରେ ପୁରୀଠାରେ ଅବସ୍ଥାପିତ। ଗୋଟିଏ ନିପଟ ମଫସଲ ଗାଁ; ଯେଉଁଠି ଆଧୁନିକ ସୁବିଧା ସୁଯୋଗ ସାତ ସପନ, ସେଠାରୁ ଆସି ପ୍ରଥମେ ଏଏସ୍‌ଓ ଏବଂ ପରେ ଜଣେ ଓଏଫ୍ଏସ୍ ଅଫିସର୍ ହେବା ପର୍ଯ୍ୟନ୍ତ ମୋର ଜୀବନ ଯାତ୍ରା କିଛି କମ୍ ସଂଘର୍ଷପୂର୍ଣ୍ଣ ନ ଥିଲା। ଏଠି ପହଞ୍ଚିବା ପାଇଁ ମୋର ବାବାବୋଉ, ଗୁରୁଜନ, ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ଶୁଭେଚ୍ଛୁମାନଙ୍କ ଅନେକ ଅବଦାନ ରହିଛି। କେବଳ ମୁଁ କାହିଁକି, ନିଜର ସୁଖ ସ୍ୱାଚ୍ଛନ୍ଦ୍ୟକୁ ଅଗ୍ରାଧିକାର ନ ଦେଇ ସର୍ବଦା ଆମମାନଙ୍କ ଶିକ୍ଷାଦୀକ୍ଷା ଉପରେ ଗୁରୁତ୍ୱ ଦେଉଥିବା ଆମ ବାବାବୋଉଙ୍କ ଆଶୀର୍ବାଦରୁ ମୋ ସାନଭାଇ ବି ଏବେ ଜଣେ ଅଧିକ୍ଷଣ ଯନ୍ତ୍ରୀ ଭାବେ ବୌଦ୍ଧଠାରେ ଅବସ୍ଥାପିତ ହୋଇଥିବାବେଳେ ଭଉଣୀ ମଧ୍ୟ ଜଣେ ଶିକ୍ଷୟିତ୍ରୀ ହୋଇପାରିଛି। ତେଣୁ ମନ ମଧ୍ୟରେ ଏକ ଅଭିଳାଷ ରହିଛି ଯେ, ସମାଜଠାରୁ ପାଇଥିବା ଏହି ଅକୁଣ୍ଠ ସହଯୋଗର ପ୍ରତିବଦଳରେ ଗୁଣ୍ଡୁଚି ମୂଷାଟେ ହୋଇ ସମାଜ ପାଇଁ କିଛି କରିବି। ଆଉ ଏହି କାର୍ଯ୍ୟକୁ ସଫଳତାର ରୂପ ଦେବା ପାଇଁ ପ୍ରଭୁ ଜଗନ୍ନାଥ ମୋତେ ସହାୟ ହୁଅନ୍ତୁ ବୋଲି କାମନା କରୁଛି।

ସାଥୀ

# ପାହାନ୍ତି ସପନ, ସୁନେଲି ଆଶା, ସହଜେ ଖସେନା ପ୍ରେମର ନିଶା...



**ପ୍ରଶ୍ନ**–ଜଣେ ସୁନ୍ଦରୀ ସବୁବେଳେ ମୋ ସ୍ୱପ୍ନରେ ଆସୁଛି। ତାକୁ ପ୍ରେମିକା ଭାବରେ ଗ୍ରହଣ କରିବା ଠିକ୍ ହେବ କି ?

*–ପ୍ରଶାନ୍ତ ଦାସ, ଅନୁଗୋଳ*

**ଉତ୍ତର :** କଥାରେ ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ଏହି ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଆପଣଙ୍କ ସ୍ୱପ୍ନରେ ଯେଉଁ ସୁନ୍ଦରୀ ଆସୁଛି ତାକୁ ବାସ୍ତବତା ଭିତରେ ଖୋଜିବାକୁ ଚେଷ୍ଟା କରନ୍ତୁ। 'ପାହାନ୍ତି ସପନ, ସୁନେଲି ଆଶା, ସହଜେ ଖସେନା ପ୍ରେମର ନିଶା।' ଆପଣଙ୍କୁ ଏବେ ପ୍ରେମ ନିଶା ଘାରିଛି, ଯାହା ମନଲାଖି ପ୍ରେମିକାଟିଏ ପାଇଲେ ଶାନ୍ତି ହେବ। ତେଣୁ ସେହିଭଳି ମନଲାଖି ପ୍ରେମିକାଟିଏ ଖୋଜନ୍ତୁ। ଯଦି ତା'ସହ ଠିକ୍ ଭାବରେ ବହି ଫିଟ୍ ହୋଇଗଲା, ତେଣିକି କେବଳ ଧାଡ଼ି ଦେଖି ଆଗକୁ ମାଡ଼ି ଯିବା କଥା।

**ପ୍ରଶ୍ନ**–ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ ପ୍ରେମ ଭରି ରହିଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ଆଦିତ୍ୟ ରାଉତ, କଟକ*

**ଉତ୍ତର :** ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି। ହେଲେ ଏଭଳି ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, କିନ୍ତୁ ତାକୁ ନେଇ ଆଶାର ମିନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ଆଉ ତାକୁ ଭାବି ଭାବି ଆପଣଙ୍କୁ ଦିନ ରାତି ଜଣାପଡୁ ନାହିଁ। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଉତ୍ତମ ହେବ।

**ପ୍ରଶ୍ନ**–ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡ଼ିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?

*–ସୁମନ୍ତ ସାହୁ, ଢେଙ୍କାନାଳ*

**ଉତ୍ତର:**ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି–ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକା ମଗଜରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ଆପଣଙ୍କର ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡ଼ିକୁ ପଢ଼ିବାକୁ ଚେଷ୍ଟା କରିବେ।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ଶରତ କୁମାର, ପାରାଦୀପ, ଜଗତସିଂହପୁର*


**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**–ଜଣେ ଝିଅ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ସୁଶାନ୍ତ ସାହୁ, ବଡବିଲ, ନବରଙ୍ଗପୁର*

**ଉତ୍ତର:**କଥାରେ ଅଛି–ସମଝଦାର୍ ଆଦମୀକୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା! 'ମନମୋହିନୀର ତୋରା ଚାହାଣୀ, ତହିଁରେ ରହିଛି ପ୍ରେମ କାହାଣୀ'। ବାସ୍, ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ଲୁଚି ରହିଛି।

# ସମର୍ ହେୟାର୍ ଷ୍ଟାଇଲ୍







**ହେୟାର୍ ଷ୍ଟାଇଲ୍ ଝିଅମାନଙ୍କୁ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ଦେଇଥାଏ। ସେଥିପାଇଁ ଏହାକୁ ନେଇ ସେମାନଙ୍କ ଭିତରେ ଅନେକ ଚାହିଦା ରହୁଥିବା ଦେଖିବାକୁ ମିଳେ। ଖାସ୍‌କରି ଖରାଦିନେ କେଉଁ ଭଳି ହେୟାର୍ ଷ୍ଟାଇଲ୍ କଲେ ଝିଅମାନେ କୁଲ୍, କମ୍ଫଟେବଲ୍ ଲାଗିବା ସହ ଷ୍ଟାଇଲିଶ୍ ଲୁକ୍ ପାଇପାରିବେ, ଜାଣନ୍ତୁ ସେ ସମ୍ପର୍କରେ...**



**✲ ହାଇ ବନ୍:** ଖରାଦିନେ ଗରମରୁ ରକ୍ଷା ପାଇବା ପାଇଁ ଅଧିକାଂଶ ଝିଅ ହାଇ ବନ୍ ହେୟାର୍ ଷ୍ଟାଇଲ୍ କରିଥାନ୍ତି। ଖରାଦିନ ପାଇଁ ଏହା ସବୁଠାରୁ ବେଷ୍ଟ ହେୟାର୍ ଷ୍ଟାଇଲ୍ ହୋଇଥାଏ। ଏହାକୁ କରିବା ଯେତିକି ସହଜ ହୋଇଥାଏ ଦେଖିବାକୁ ବି ସେମିତି ଷ୍ଟାଇଲିଶ୍ ଲାଗିଥାଏ। ଖରାଦିନେ ଅଫିସ୍ ହେଉକି ପାର୍ଟିକୁ ଏହି ହେୟାର୍ ଷ୍ଟାଇଲ୍ କରିକି ଗଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳେ।

**✲ ମେସି ଲୋ ବନ୍:** ଅନେକ ଝିଅଙ୍କର ହାଇ ବନ୍ ହେୟାର୍ ଷ୍ଟାଇଲ୍ କଲେ ମୁଣ୍ଡ ଦରଜ ହେବାର ସମସ୍ୟା ଦେଖାଯାଇଥାଏ। ଯେଉଁଥିପାଇଁ ପସନ୍ଦ ଆସିବା ସତ୍ତ୍ୱେ ବି ସେମାନେ ଏହାକୁ ଟ୍ରାଏ କରିପାରନ୍ତି ନାହିଁ। ତେଣୁ ଏହି ଝିଅମାନଙ୍କ ପାଇଁ ଖରାଦିନେ ମେସି ଲୋ ବନ୍ ହେୟାର୍ ଷ୍ଟାଇଲ୍ କରିବା ବେଷ୍ଟ ଅପ୍ସନ ହୋଇପାରିବ। ଏହା ସେମାନଙ୍କୁ କୁଲ୍, କମ୍ଫଟେବଲ୍ ଲୁକ୍ ଦେବ। ତେବେ ଯେଉଁମାନଙ୍କର କର୍ଲି ହେୟାର୍ ସେମାନଙ୍କୁ ତ ଏହି ହେୟାର୍ ଷ୍ଟାଇଲ୍ ବହୁତ ହିଁ ସୁନ୍ଦର ଦେଖାଯିବ। କିନ୍ତୁ ସେମାନଙ୍କ ପାଇଁ ଗୋଟେ ଟିପ୍ସ ହେଉଛି, ସେମାନେ ଏହି ହେୟାର୍ ଷ୍ଟାଇଲ୍ କଲାବେଳେ କେଶରେ ବେଶୀ ପାନିଆ ବ୍ୟବହାର କରିବେ ନାହିଁ।

**✲ ହାଇ ପୋନିଟେଲ୍:** ସବୁଠୁ ସହଜ ଓ ସୁବିଧାଜନକ ହେୟାର୍ ଷ୍ଟାଇଲ୍ ଭାବେ ଏହା ଜଣାଶୁଣା। ଏହା ଝିଅମାନଙ୍କୁ ଟ୍ରେଣ୍ଡି ଲୁକ୍ ଦେଇଥାଏ। ବିଶେଷକରି ଖରାଦିନେ ଆଉଟିଂ ହେଉକି ପାର୍ଟି, ଫଙ୍କଶନ୍‌କୁ ଗଲାବେଳେ ଏହି ହେୟାର୍ ଷ୍ଟାଇଲ୍‌କୁ ଟ୍ରାଏ କଲେ ଝିଅମାନଙ୍କୁ ଡିଫରେଣ୍ଟ ଲୁକ୍ ମିଳିଥାଏ।

**✲ ରବର ବ୍ୟାଣ୍ଡ ଟୁଇଷ୍ଟେଡ୍ ହେୟାର ଷ୍ଟାଇଲ୍:** ଏହି ହେୟାର୍ ଷ୍ଟାଇଲ୍ ବି ଝିଅମାନଙ୍କୁ ଟିକେ ଡିଫରେଣ୍ଟ ଲୁକ୍ ଦେଇଥାଏ। ଏଥିରେ ଚୁଟିକୁ ହାଫ୍ ପୋନିଟେଲ୍ କରି ମଝିରେ ମଝିରେ ରବର ବ୍ୟାଣ୍ଡ ସାହାଯ୍ୟରେ କେଶକୁ ବାନ୍ଧି ବାନ୍ଧି ଏହି ହେୟାର୍ ଷ୍ଟାଇଲ୍ କରିବାକୁ ହୋଇଥାଏ। ଖରାଦିନେ ଜିନ୍ସ, ଟି-ସାର୍ଟ ସାଙ୍ଗକୁ ଏହି ହେୟାର୍ ଷ୍ଟାଇଲ୍ କଲେ ଝିଅମାନଙ୍କୁ ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ।


**✲ ବ୍ରେଡ୍ ହେୟାର ଷ୍ଟାଇଲ୍:** ଏହା ଏକ କ୍ଲାସିକ୍ ହେୟାର୍ ଷ୍ଟାଇଲ୍। ଏଥିରେ କେଶକୁ ଦୁଇ ଭାଗ କରି ଦୁଇ ପଟେ ହାଇ ପୋନିଟେଲ୍ କରାଯାଇଥାଏ। ପରେ ଏହି କେଶକୁ ଡିଫରେଣ୍ଟ ଷ୍ଟାଇଲ୍‌ରେ ବେଣି କରାଯାଏ। କେହି କେହି ଏହି ହେୟାର୍ ଷ୍ଟାଇଲ୍‌ରେ ଫ୍ରେଞ୍ଚ ବେଣି କରିବାକୁ ଭଲ ପାଇଥାନ୍ତି ତ କେହି କେହି ଫିଶ୍‌ଟେଲ୍ ବେଣି ଅଥବା ଡବଲ୍ ବେଣି ବି କରିଥାନ୍ତି। କୁହାଯାଏ, ଏହି ହେୟାର୍ ଷ୍ଟାଇଲ୍ କଲେ କେଶ ବେଶୀ ଛିଡି ନଥାଏ। ଖରାଦିନ ପାଇଁ ଏହା ଏକ ବେଷ୍ଟ ହେୟାର୍ ଷ୍ଟାଇଲ୍ ଅପ୍ସନ ହୋଇପାରେ।

**✲ ସାଇଡ୍ ଫ୍ରେଞ୍ଚ ବନ୍ ହେୟାର୍ ଷ୍ଟାଇଲ୍:** ଏହି ଟାଇପ୍‌ର ହେୟାର୍ ଷ୍ଟାଇଲ୍ ବି ଝିଅମାନଙ୍କୁ ମଡର୍ଣ୍ଣ ଲୁକ୍ ଦେଇଥାଏ। ଏଥିରେ ସମ୍ପୂର୍ଣ୍ଣ କେଶକୁ ୱାନ୍ ସାଇଡ୍‌କୁ ନେଇ ସେଥିରେ ଫ୍ରେଞ୍ଚ ବନ୍ ହେୟାର୍ ଷ୍ଟାଇଲ୍ କରାଯାଇଥାଏ। ଖରାଦିନେ ଏହା ଝିଅମାନଙ୍କୁ କୁଲ୍, କମ୍ଫଟେବଲ୍ ଲୁକ୍ ଦେଇଥାଏ।

**✲ ହେୟାର୍ ବ୍ୟାଣ୍ଡ ଓ ସ୍କାର୍ଫରେ ହେୟାର୍ ଷ୍ଟାଇଲ୍:** ଖରାଦିନେ ହେୟାର୍ ବ୍ୟାଣ୍ଡ ଓ ସ୍କାର୍ଫକୁ ବ୍ୟବହାର କରି ହେୟାର୍ ଷ୍ଟାଇଲ୍ କଲେ ବି ଝିଅମାନେ ଖୁବ୍ ସୁନ୍ଦର ଦେଖାଯାଇଥାନ୍ତି।







ସିଡୁନ

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ଡଟ୍

ଶିକ୍ଷକ ମଣ୍ଟୁଙ୍କୁ: ଟାଇଗର୍ ବିସ୍କୁଟ୍ ଉପରେ ଏଇ ଯୋଉ ସବୁଜ ଡଟ୍ ଅଛି, ତା'ର ଅର୍ଥ କ'ଣ ?

ମଣ୍ଟୁ: ସାର୍, ୟାର ଅର୍ଥ ହେଉଛି ଟାଇଗର୍ ଅନ୍ ଲାଇନ୍ ଅଛି।

### ସୁଖଶାନ୍ତି

ଜଣେ ପଣ୍ଡିତଙ୍କୁ ମହିଳା : ଘରେ ସୁଖଶାନ୍ତିରେ ରହିବାକୁ ହେଲେ କ'ଣ କରିବାକୁ ପଡ଼ିବ ?

ପଣ୍ଡିତ: ଗୋଟେ କାମ କର। ପ୍ରତିଦିନ ତୁମେ କରୁଥିବା ରୁଟିରୁ ପ୍ରଥମ ରୁଟି ଗାଈକୁ ଖାଇବାକୁ ଦିଅ ଓ ଶେଷ ରୁଟି କୁକୁରକୁ ଦିଅ। ଦେଖିବ ସୁଖଶାନ୍ତି ଘରକୁ ଆସିବ।

ମହିଳା: ମୁଁ ତ ସବୁଦିନ ସେଇୟା ହିଁ କରୁଛି। ପ୍ରଥମ ରୁଟି ମୁଁ ଖାଉଛି ଓ ଶେଷରୁଟି ସ୍ୱାମୀଙ୍କୁ ଦଉଛି। ତଥାପି କାହିଁକି ସୁଖଶାନ୍ତି ଆସୁନି ?

### ଚିନି

ସ୍ୱାମୀ: ତମେ ଯଦି ଚିନି ଭଳି ହେଇଥାନ୍ତ, କେତେ ଭଲ ହେଇଥାନ୍ତା। କେବେ ତ ଟିକେ ମିଠାକଥା କହିଥାନ୍ତ।

ସ୍ତ୍ରୀ: ଆଉ ତମେ ଅଦା ହେଇଥାନ୍ତ କି, ମନ ଭରିକି କୁଟିଥାନ୍ତି।



# ଟାଇଗର୍ ପଏଣ୍ଟ ଜଳପ୍ରପାତ





ଛତିଶଗଡ଼ର ସୁରଗୁଜା ନାମକ ଜିଲାରେ ଥିବା ମେନପାଟ ହେଉଛି ସ୍ଥାନୀୟ ଏକ ଗାଁ। ଏହା ହିଲ୍‌ଷ୍ଟେଶନର ବି ମାନ୍ୟତା ପାଇଛି। ପ୍ରକୃତିର ଅପୂର୍ବ ଶୋଭା ଏଠାରେ ଦେଖିବାକୁ ମିଳେ। ସେଥିପାଇଁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କର ଗହଳି ପରିଲକ୍ଷିତ ହୁଏ। ତେବେ ଏହି ମେନପାଟଠାରୁ ପ୍ରାୟ ୧୦ କି.ମି ଦୂରରେ ରହିଛି ଆଉ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ; ଯାହାର ନାଁ ହେଉଛି ଟାଇଗର୍ ପଏଣ୍ଟ ଜଳପ୍ରପାତ। ଏହାର ଏପରି ନାମକରଣ ପଛରେ ବି ରହିଛି ଏକ ରୋଚକ କଥା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଜଳପ୍ରପାତର ପାଣି ତଳେ ପଡିବା ସମୟରେ ବାଘ ଗର୍ଜିବା ଭଳି ଶବ୍ଦ ଶୁଣାଯାଏ। ନୂଆ କରି ବୁଲିଯାଉଥିବା ପର୍ଯ୍ୟଟକ ଜଳପ୍ରପାତର ଏଭଳି ଶବ୍ଦ ଶୁଣି ପ୍ରଥମେ ପ୍ରଥମେ ଭାରି ଡରିଯାନ୍ତି। ସେମାନଙ୍କୁ ଲାଗେ ସତେ ଯେମିତି ଆଖପାଖରେ କେଉଁଠି ବାଘଟିଏ ଗର୍ଜନ କରୁଛି। କିନ୍ତୁ ଭଲଭାବେ ତର୍ଜମା କଲେ ଜଣେ ଆରାମରେ ଠଉରେଇ ନେବ ଯେ, ପ୍ରକୃତରେ ଏହି ଶବ୍ଦ ଜଳପ୍ରପାତର ପାଣି ପଡିବାରରୁ ହିଁ ସୃଷ୍ଟି ହେଉଛି। ଖାସ୍ ଏହି କାରଣ ପାଇଁ ଏହି ସ୍ଥାନଟିର ନାଁ ଟାଇଗର୍ ପଏଣ୍ଟ ଜଳପ୍ରପାତ ରଖାଯାଇଥିବା ଅନୁମାନ କରାଯାଏ।

## ଆଉ କ'ଣ ଦେଖିବେ:

ଜନଗହଳିପୂର୍ଣ୍ଣ ପରିବେଶରୁ ଦୂରରେ ଥିବା ଏହି ସ୍ଥାନଟିର ପ୍ରାକୃତିକ ସୌନ୍ଦର୍ଯ୍ୟ କିନ୍ତୁ ବେଶ୍ ମନଲୋଭା ହୋଇଥାଏ। ପାହାଡ ଦ୍ୱାରା ଘେରି ହୋଇ ରହିଥିବା ଏହି ସ୍ଥାନରେ ସ୍ଥାନୀୟ ଲୋକେ ବିଭିନ୍ନ ସମୟରେ ପିକ୍‌ନିକ୍ କରିବା ପାଇଁ ଆସିଥାନ୍ତି। କିଛି ଲୋକ ଏଠାରେ ଗାଧୋଇ ବି ଥାନ୍ତି। ଆଉ କିଛି ପର୍ଯ୍ୟଟକ ତ ଏଠାରେ ଟ୍ରେକିଂ, ହାଇକିଂ ବି କରିଥାନ୍ତି। ଫିଶିଂ ପ୍ରିୟ ଲୋକଙ୍କ ପାଇଁ ବି ଏଠାରେ ବେଶ୍ ଭଲ ସୁବିଧା ରହିଛି। ଖାସ୍ ଏହିସବୁ କାରଣ ପାଇଁ ଅଧିକାଂଶ ସମୟ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ।

## କେବେ ଓ କେମିତି ଯିବେ

ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଏହି ଆକର୍ଷଣୀୟ ସ୍ଥାନକୁ ବର୍ଷର ଯେ କୌଣସି ସମୟରେ ବୁଲିଯିବାର ସୁବିଧା ଥିଲେ ହେଁ, ଖାସ୍ କରି ସେପ୍ଟେମ୍ବରରୁ ଏପ୍ରିଲ୍ ହେଉଛି ସବୁଠୁ ପ୍ରକୃଷ୍ଟ ସମୟ। କାରଣ ଏହି ସମୟରେ ସ୍ଥାନୀୟ ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ତା'ଛଡ଼ା ବର୍ଷାଦିନେ ବି ଅନେକ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି। କାରଣ ଏହି ସମୟରେ ଜଳପ୍ରପାତରୁ ଖୁବ୍ ଜୋର୍‌ରେ ପାଣି ଖସିଥାଏ, ଆଉ ସେହି ଅନୁଯାୟୀ ବାଘର ଗର୍ଜନ ବି ଜୋର୍ ଶୁଭିଥାଏ। ସେହିପରି ଏଠାକୁ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ପ୍ରଥମେ ମେନପାଟ ଯିବାକୁ ହୋଇଥାଏ। ପରେ ସେଠାରୁ ସ୍ଥାନୀୟ ଯାନବାହନର ସୁବିଧାରେ ଏହି ଜଳପ୍ରପାତ ନିକଟକୁ ଯିବାକୁ ପଡେ।

## ଜରୁରୀ ସୂଚନା

ଏଠାରେ ସନ୍ଧ୍ୟା ପରେ ରହିବାକୁ ସେମିତି ବିଶେଷ କିଛି ସୁବିଧା ନାହିଁ। ତା'ଛଡ଼ା ଏହି ସ୍ଥାନରେ ଥିବା ପାହାଡମାନଙ୍କରେ ଜଳପ୍ରପାତର ଜଳର ଛିଟା ଅହରହ ପଡୁଥିବା ଯୋଗୁ ଏହା ମସୃଣ ହୋଇଥାଏ। ତେଣୁ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଯିବା ସମୟରେ କିମ୍ବା ପାହାଡ ଉପରେ ଚଢିବା ସମୟରେ ଟିକେ ସତର୍କତା ଅବଲମ୍ବନ କରିବା ଜରୁରୀ।

ଜନଗହଳିପୂର୍ଣ୍ଣ ପରିବେଶରୁ ଦୂରରେ ଥିବା ଛତିଶଗଡ଼ର ମେନପାଟ ନିକଟବର୍ତ୍ତୀ ଟାଇଗର୍ ପଏଣ୍ଟ ଜଳପ୍ରପାତଟିର ଶୋଭା ପର୍ଯ୍ୟଟକଙ୍କୁ ସର୍ବଦା ଆକୃଷ୍ଟ କରିଆସିଛି। ଏଠାରେ ପ୍ରବାହିତ ହେଉଥିବା ଜଳପ୍ରପାତର ଜଳରେ ଗୋଧୋଇବା ସହିତ ଏଠାରେ ଫିଶିଂ ତଥା ଟ୍ରେକିଂର ମଜା ନେବାକୁ ପର୍ଯ୍ୟଟକ ଖୁବ୍ ଭଲ ପାଇଥାନ୍ତି। ସେଥିପାଇଁ ଛୁଟିଦିନ ମାନଙ୍କରେ ଏଠାରେ ଆଗନ୍ତୁକଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳେ...





# ଜାପାନୀଙ୍କ ଦୀର୍ଘାୟୁ ହେବାର ରହସ୍ୟ

**କିଛି ଗବେଷଣାରୁ ଜଣାପଡ଼ିଛି ଯେ, ଜାପାନର ଲୋକେ ଦୀର୍ଘ ବର୍ଷ ବଞ୍ଚନ୍ତି। ସେମାନଙ୍କ ଦୀର୍ଘାୟୁ ହେବା ପଛର କାରଣ କ'ଣ ଜାଣନ୍ତୁ ସେ ସମ୍ପର୍କରେ...**



ଜାପାନର ଲୋକଙ୍କୁ ଦେଖି ସେମାନଙ୍କ ବୟସ ଅନୁମାନ କରିବା ସହଜ ନୁହେଁ। କାରଣ ଏଠାକାର ଅନେକ ବୟସ୍କ ଲୋକ ବହୁତ ୟଙ୍ଗ୍ ଓ ଫିଟ୍ ଦେଖାଯାଆନ୍ତି। ଆଉ ଏହାପଛର କାରଣ ହେଉଛି ସେମାନଙ୍କ ଲାଇଫ୍ ଷ୍ଟାଇଲ୍ ଓ ଫିଟ୍‌ନେସ୍ ସିକ୍ରେଟ୍। କିଛି ଗବେଷଣା କହେ ଏଠାକାର ପ୍ରାୟ ୫୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ଏମିତି ଅଛନ୍ତି, ଯାହାଙ୍କ ବୟସ ୧୦୦ ବର୍ଷରୁ ଊର୍ଦ୍ଧ୍ୱ। ସାଧାରଣତଃ ଭାରତ ଓ ଅନ୍ୟ ଦେଶରେ ଲୋକଙ୍କ ହାରାହାରି ବୟସ ୬୦-୭୦ ବର୍ଷ ହୋଇଥାଏ। କିନ୍ତୁ ଜାପାନ ଲୋକ ଅଧିକ ବର୍ଷ ଜିଅନ୍ତି। ଏହା ପଛର କାରଣସବୁ ହେଉଛି...

**ଡାଏଟ୍ ଉପରେ ଫୋକସ୍:** ପାରମ୍ପରିକ ଜାପାନୀ ମିଲ୍ସରେ ତାଜା ଫଳ, ପନିପରିବା, ଲିନ୍ ପ୍ରୋଟିନ୍ ଓ ଶସ୍ୟ ଆଦିର ସନ୍ତୁଳନ ଥାଏ। ସେମାନେ ପ୍ରୋସେସ୍‌ଡ ଫୁଡ, ଟ୍ରାନ୍ସ ଫ୍ୟାଟ୍ ଓ ଚିନିର ବ୍ୟବହାର ବହୁତ କମ୍ କରନ୍ତି। ଆଉ ପୋଷକ ତତ୍ତ୍ୱରେ ଭରପୂର ଖାଦ୍ୟ ଅଧିକ ଖାଆନ୍ତି। ହେଲେ କାର୍ବୋହାଇଡ୍ରେଟ୍‌ସଯୁକ୍ତ ଖାଦ୍ୟ କମ୍ ଖାଆନ୍ତି।

**ସି'ଫୁଡ୍ ବ୍ୟବହାର:** ଜାପାନୀମାନେ ଯେମିତି ବି ହେଉ ସି' ଫୁଡ୍‌କୁ ନିଜ ଡାଏଟ୍‌ରେ ସାମିଲ କରନ୍ତି। କାରଣ ସି'ଫୁଡ୍‌ରେ ଓମେଗା ୩, ଫ୍ୟାଟି ଏସିଡ୍ ସହ ଆହୁରି ଅନେକ ପୋଷକ ତତ୍ତ୍ୱ ଭରପୂର ଥାଏ। ଯାହା ଶରୀରକୁ ଅନ୍ୟ ମାଂସ ତୁଳନାରେ ୧୦ ଗୁଣ ଅଧିକ ଶକ୍ତି ପ୍ରଦାନ କରିଥାଏ। ତେଣୁ କୁହାଯାଏ ସି' ଫୁଡ ଖାଇଲେ ଲୋକେ ୟଙ୍ଗ୍ ରୁହନ୍ତି।

**ଗ୍ରୀନ ଟି:** ଜାପାନ ଲୋକଙ୍କୁ ଚା' ପିଇବା ବହୁତ ପସନ୍ଦ। ଏଠାରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରକାରର ଚା' ମିଳିଥାଏ। ହେଲେ ଏଠାକାର ଲୋକେ ଗ୍ରୀନ ଟି' ପିଇବାକୁ ଅଧିକ ପସନ୍ଦ କରନ୍ତି। ଏହାବାଦ୍ ମାଚା ଗ୍ରୀନ ଟି'ର ବି ବହୁତ ବ୍ୟବହାର ହୁଏ। ଯେଉଁଥିରେ ପଲିଫେନାଲ୍ସ ଅଧିକ ମାତ୍ରାରେ ଥାଏ। ଏହା ଓଜନ କମାଇବାରେ ସାହାଯ୍ୟ କରେ। ତା'ସହ ଏହା ଶରୀରରୁ ଟକ୍ସିନ୍ ସଫା କରେ। ପେଟ ଓ ଲିଭର୍‌ର କାମକୁ ସହଜ କରେ। ଏହାବାଦ୍ ଏଠାକାର ଲୋକେ ଚା'ରେ କ୍ଷୀର ଓ ଚିନିର ବ୍ୟବହାର କରନ୍ତି ନାହିଁ। ତେଣୁ ତାଙ୍କ ଚା' ହେଲ୍‌ଦି ହୋଇଥାଏ ଓ ସେମାନଙ୍କ ରୋଗପ୍ରତିରୋଧକ ଶକ୍ତି ବଢ଼ାଏ।

**ଚାଲିବା ପସନ୍ଦ:** ଜାପାନର ଲୋକେ ଗାଡ଼ି ଚଳାଇ ଯିବା ଅପେକ୍ଷା ନିକଟସ୍ଥ ସ୍ଥାନକୁ ଚାଲିକି ଯିବାକୁ ପସନ୍ଦ କରନ୍ତି। ସ୍କୁଲ, କଲେଜ, ଅଫିସ, ଲାଇବ୍ରେରୀ, ପାର୍କ, ଜିମ୍ ଆଦି ସ୍ଥାନକୁ ଯିବା ପାଇଁ ସାଇକେଲ ବ୍ୟବହାର କରନ୍ତି ଅବା ଚାଲିକି ଯାଆନ୍ତି। ଯାହାଦ୍ୱାରା ବ୍ୟାୟାମ ହୋଇଯାଏ, ଖାଦ୍ୟ ଆରାମରେ ହଜମ ହୁଏ ଏବଂ ଓଜନ ନିୟନ୍ତ୍ରଣରେ ରହେ।


**ମିଠା ଖାଆନ୍ତି ନାହିଁ:** ଜାପାନ ଲୋକ ଅଧିକ ବୟସ ବଞ୍ଚିବାର ମୁଖ୍ୟ କାରଣ ହେଉଛି ସେମାନେ ମିଠା ଆଦୌ ଖାଆନ୍ତି ନାହିଁ। ଫଳରେ ମେଦବହୁଳତା, ହୃଦ୍‌ରୋଗ ଭଳି ରୋଗ ହୁଏ ନାହିଁ।

**ଫରେଷ୍ଟ ବାଥ୍:** ଜାପାନର ଲୋକେ ଫରେଷ୍ଟ ବାଥ୍ ଉପରେ ବହୁତ ବିଶ୍ୱାସ ରଖନ୍ତି। ଅର୍ଥାତ୍ ଜଙ୍ଗଲରେ ସମୟ ବିତାଇବା। ଜଙ୍ଗଲରେ ବୁଲିବା, ଚାଲିବା, ପ୍ରାକୃତିକ ଜିନିଷକୁ ଉପଭୋଗ କରିବା ଓ ତା'ର ଆନନ୍ଦ ନେବା ପ୍ରକୃତରେ  ନେଚର ଥେରାପି ଅଟେ। ଜାପାନକୁ ସୂର୍ଯ୍ୟ ଉଦୟର ଦେଶ ବୋଲି କୁହାଯାଏ। ଆଉ ଏଠି ଶୀଘ୍ର ଉଠିବା ଏକ ପ୍ରଥା। ଏଠାକାର ଅଧିକାଂଶ ଲୋକ ନିଜ ଦିନର ଆରମ୍ଭ ସୂର୍ଯ୍ୟୋଦୟ ଦେଖିବାରୁ ଆରମ୍ଭ କରନ୍ତି, ଯାହାକି ସେମାନଙ୍କୁ ଚାପମୁକ୍ତ ଜୀବନ ଜିଇବାରେ ସାହାଯ୍ୟ କରିଥାଏ।

**ଛୋଟ ପ୍ଲେଟ୍‌ର ବ୍ୟବହାର:** ଏଠାରେ ଖାଦ୍ୟ ଖାଇବା ଲାଗି ଛୋଟ ପ୍ଲେଟ୍‌ର ବ୍ୟବହାର କରାଯାଏ, ଯାହାକି ପ୍ରାୟ ଚାରିରୁ ଛଅ ଇଞ୍ଚ୍ ଆକାରର ହୋଇଥାଏ। ଏହା ମାଧ୍ୟମରେ ଜାପାନୀମାନେ ନିଜ ଖାଦ୍ୟର ମାତ୍ରାକୁ ସୀମିତ କରନ୍ତି। ଅର୍ଥାତ୍ ତାଙ୍କର ଚିନ୍ତାଧାରା ହେଉଛି କମ୍ ଖାଅ ଓ ଲମ୍ବା ସମୟ ପର୍ଯ୍ୟନ୍ତ ଜିଅ।







# ଅଣ୍ଡାକୃତିର ଟେବୁଲ

ଏହି ବଡ଼ ମସୃଣ ଅଣ୍ଡାକୃତିର ଜିନିଷଟିକୁ ଦେଖି ଭାବୁଥିବେ ଏତେ ବଡ଼ ଅଣ୍ଡା ପୁଣି କେଉଁଠୁ ଆସିଲା ? ତେବେ ପ୍ରକୃତରେ ଏହା ଅଣ୍ଡା ନୁହେଁ, ବରଂ ଏକ ଡାଇନିଂ ଟେବୁଲ ଓ ଚେୟାର ସେଟ୍। ଏହାକୁ ଏଭଳି ତିଆରି କରାଯାଇଛି ଯେ, ସବୁଗୁଡ଼ିକୁ ଏକାଠି କରିଦେଲେ ତାହା ଅଣ୍ଡା ପରି ଦେଖାଯାଏ। ତୁର୍କର ପ୍ରଡକ୍ଟ ଡିଜାଇନର୍ ଫତିହ କାନ ସରିଓଜ୍‌ଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଏହି ଡାଇନିଂ ଟେବୁଲର ନାଁ 'କୁରେ ଡାଇନିଂ' ଟେବୁଲ। ଗୋଲାକାର ଟେବୁଲ ଚାରିପଟେ ଛଅଟି ଚେୟାର ଏଭଳିଭାବେ ଫିଟ୍ ହୋଇ ରହିଥାଏ ଯେ, ଚେୟାରଗୁଡ଼ିକୁ ଟାଣି ବାହାରକଲେ ଫୁଲର ପାଖୁଡ଼ା ମେଲିବା ଭଳି ଦେଖାଯାଏ। ଟେବୁଲ ଉପରେ ଲୁକ୍କାୟିତ ଭାବେ ଏକ ପଡ୍ ଥାଏ। ତାହା ଖୋଲିଯାଏ ଓ ଏକ ଲମ୍ବା ଏଲ୍‌ଇଡି ଲାଇଟ୍‌ରେ ପରିଣତ ହୋଇଯାଏ। ଫଳରେ ଡାଇନିଂ ଟେବୁଲଟି ଏକ ସ୍ପେସ୍‌ଶିପ୍ ପରି ଦେଖାଯାଏ। ତେଣୁ ଏହା କେବଳ ଏକ ଫର୍ନିଚର ନୁହେଁ, ବରଂ ଏହା ଉପରେ ବସି ଖାଇଲେ ବିଜ୍ଞାନଭିତ୍ତିକ ଫିଲ୍ମର ଅନୁଭୂତି ମିଳିଥାଏ।



# ଦେବତା, ଭଗବାନ୍ ଓ ଈଶ୍ୱର



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

( ଭାଗ -୮ )

**ଗ**ତ ଥର ଆମ୍ଭେ ମୁଖ୍ୟତଃ ଦୁଇଟି ବିଷୟରେ ଆଲୋକପାତ କରିଥିଲେ। ପ୍ରଥମତଃ ଆମ ଶରୀର ଭିତରେ ତତ୍ତ୍ୱମୟ ଭାବରେ ଗୋଟିଏ ଢିଙ୍କି ଥିବାର କୁହାଯାଇଥିଲା। ଜଗଦ୍‌ଗୁରୁ ଠାକୁର ଅଭିରାମ ପରମହଂସଙ୍କର ଗୋଟିଏ ଛୋଟିଆ ପଦକୁ ଆମେ ଚର୍ଚ୍ଚା କରୁଥିଲେ। ଢିଙ୍କିଟି କେଉଁଠି ଅଛି ? ଏହା ଶିଶୁ ବେଦ ଘରେ ଅଛି। ଶିଶୁ ବେଦର ଘର ପୁଣି କେଉଁଠାରେ ? ନା ଶିଶୁ ବେଦର ଘର ହେଉଛି ନାସାଦ୍ୱାର। କେହି କେହି ମହାତ୍ମା ତାଳୁକା ବା ଦୁକୁଦୁକିକୁ ମଧ୍ୟ ଶିଶୁ ବେଦର ଘର ବୋଲି ଅଭିହିତ କରିଥାନ୍ତି। ତେବେ ଯାହା ହେଉ ଢିଙ୍କିଟି ସେଇଠି ଅଛି। ଢିଙ୍କିଟା ସେମିତି ସ୍ଥିର ହୋଇ ଅଛି ନା କିଛି କାମ କରୁଛି ? କାମ କରୁଛି ନା... । ତେବେ ତା'ର କାମ କ'ଣ ? ଢିଙ୍କି ଦିନ ରାତି ଚବିଶ ଘଣ୍ଟା କାମ କରୁଛି। ଚବିଶ ଘଣ୍ଟାରେ ମୋଟ ୨୧୬୦୦ ଥର ଉଠପଡ଼ ହେଉଛି। ଏହାର ତାତ୍ତ୍ୱିକ ଅର୍ଥ ହେଉଛି ପ୍ରତ୍ୟେକ ମଣିଷ ଦିନ ରାତି ୨୪ ଘଣ୍ଟାରେ ସମୁଦାୟ ମୋଟ ୨୧୬୦୦ ଥର ନିଃଶ୍ୱାସ ପ୍ରଶ୍ୱାସ ନେଇଥାନ୍ତି। ପୁଣି କୁହାଗଲା 'ଢିଙ୍କିର ଶବଦ ଅଟେ ବଡ଼ ଭେଦ'। ୨୧୬୦୦ ଥର ଯୋଉ ନିଃଶ୍ୱାସ ପ୍ରଶ୍ୱାସ ଯିବା ଆସିବା କରୁଛି ଏହା କିଛି ଶବ୍ଦ ବା ସ୍ୱର ସହ ହେଉଛି। ତେବେ ଏହାର ଭେଦ କ'ଣ ? ଆଜ୍ଞା ପାଠକେ, ଏହା ଠାକୁର ଅଭିରାମ ପରମହଂସଙ୍କ ଲେଖା। ଅଭିରାମ ହେଉଛନ୍ତି ଜ୍ଞାନ ମିଶ୍ରା ଭକ୍ତିବାଦର ପ୍ରଚାରକ। ସଂସାରରେ ଯେତେ ଜ୍ଞାନ ଅଛି ସବୁଠାରୁ ଶ୍ରେଷ୍ଠ ଜ୍ଞାନ ହେଲା ଆତ୍ମଜ୍ଞାନ। ବାକି ଯାହା ରହିଲା ତାହା ହେଉଛି ଖବର ବା ତଥ୍ୟ। ଆମେ ବେଳେ ବେଳେ ପିଲାମାନଙ୍କୁ ପଚାରୁ – ଏ ପ୍ଲସ ବି ର ହୋଲ୍ ସ୍କୋୟାର କେତେ ? ହିମାଳୟର ଉଚ୍ଚତା କେତେ ? ଭାରତର ପ୍ରଧାନମନ୍ତ୍ରୀଙ୍କ ନାଁ କ'ଣ ? ଓଡ଼ିଶାରେ କେତେଟା ଜିଲା ଅଛି ଏବଂ ସେମାନଙ୍କର ନାମଗୁଡିକ କ'ଣ କ'ଣ ? ଇତ୍ୟାଦି। ଏଗୁଡିକୁ ଅନେକ ଲୋକ 'ଜ୍ଞାନ' ବୋଲି କୁହନ୍ତି। କିନ୍ତୁ ନା, ଏଗୁଡ଼ିକ ଜ୍ଞାନ ନୁହେଁ, କିଛି ତଥ୍ୟ ବା ଖବରର ସମାହାର। ଆଉ କେତେଜଣ ବ୍ୟକ୍ତି ଗୀତା ବା ଭାଗବତର କିଛି ଶ୍ଳୋକ ବା ପଦକୁ ଘୋଷି ଦେଇଥାନ୍ତି। ବିଷ୍ଣୁ ସହସ୍ର ନାମ ବା ଶ୍ରୀରାମ ଚରିତ ମାନସର ଦୋହାକୁ ମୁଖସ୍ଥ କରି କଥା କଥାକେ ଉଦାହରଣ ଦେଇ ଦିଅନ୍ତି। ଏ ଶ୍ଳୋକ ବା ଦୋହାଟି ଅମକ ପୃଷ୍ଠାର ଅମକ ଅଧ୍ୟାୟରେ ଅଛି – ଏମିତି ବହୁ ବ୍ୟକ୍ତି ନିଜ ପ୍ରଜ୍ଞା ବଳରେ କହିପାରନ୍ତି । ଏହା ଖୁବ୍ ଭଲ କଥା। ସେଭଳି ବ୍ୟକ୍ତିମାନଙ୍କୁ ଆମେ ଢେର୍ ସମ୍ମାନ ଦେଉ। ସାବାସୀ ଦେଉ। ଗୋଟିଏ ଅନୁଷ୍ଠାନକୁ ଅତିଥି ହୋଇ ଯାଇଥିବା ବେଳେ ଗୋଟିଏ ଛୋଟ ପିଲା, ବୟସ ବୋଧେ ସାତ କି ଆଠ ହେବ, ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢୁଛି, ସେ ଗୀତାର ପଞ୍ଚଦଶ ଅଧ୍ୟାୟର 'ପୁରୁଷୋତ୍ତମ ଯୋଗ'ରେ ଥିବା ସମୁଦାୟ ୨୦ଟି ଶ୍ଳୋକକୁ ଘୋଷି ଦେଇଛି ବୋଲି କହିଲା। ମୋର ଆଗ୍ରହ ବଢ଼ିବାରୁ ସେ ଅତି ସୁନ୍ଦର ଭାବେ ପ୍ରଥମ ଶ୍ଳୋକ 'ଊର୍ଦ୍ଧ୍ୱମୂଳମଧଶାଖ... ଠୁଁ ଆରମ୍ଭ କରି ଶେଷତମ ଶ୍ଳୋକ ଇତି ଗୁହ୍ୟତମ... ପର୍ଯ୍ୟନ୍ତ ଆବୃତ୍ତି କଲା। ମୋତେ ବହୁତ ଖୁସି ଲାଗିଲା। ପିଲାଟିର ବାପାମା'ଙ୍କୁ ଡାକି ଧନ୍ୟବାଦ ଦେଲି। ଆଜିକାଲି ବହୁତ ପିଲା ବାହାରିଲେଣି ଯେଉଁମାନେ ଏମିତି ଧାରାରେ ଅଛନ୍ତି। ସେମାନଙ୍କୁ ବହୁତ ବହୁତ ଧନ୍ୟବାଦ ଦେବାକୁ ଇଚ୍ଛା ହୁଏ। ଆପଣମାନେ ମଧ୍ୟ ନିଜ ନିଜ ଛୋଟପିଲାଙ୍କୁ ବାଲ୍ୟ କାଳରୁ ଗୀତା ବା ଭାଗବତର ଗୁରୁତ୍ୱବହନ କରୁଥିବା କିଛି କିଛି ଶ୍ଳୋକ ବା ପଦଗୁଡିକୁ ଘୋଷାନ୍ତୁ। କିଛି ନ ହେଲେ ହନୁମାନ ଚାଳିଶାକୁ ମୁଖସ୍ଥ କରାନ୍ତୁ। ସନ୍ଧ୍ୟାରେ ଠାକୁର ଘରେ ଗାଇବା ପାଇଁ ମଧ୍ୟ କୁହନ୍ତୁ। ଯଦି ସମୟ ଅଛି ତେବେ ଆପଣ ବି ପିଲାଙ୍କ ସହ ନିଜେ ସାମିଲ ହୁଅନ୍ତୁ। ଏହାକୁ ତ କୁହାଯାଏ ସଂସ୍କାର ନା... । ଆମେ କିଛି କରିବା ନାହିଁ... ପିଲାଙ୍କୁ କିଛି ଭଲ ଶିଖାଇବା ନାହିଁ... ତେଣେ କହିବା କ'ଣ ନା ପିଲା ଖରାପ ହୋଇଗଲେ ? ଆଉ ଜଣେ ସନ୍ଥ ପ୍ରବରଙ୍କୁ ଭେଟିଥିଲି। ଶ୍ରୀରାମଚରିତ ମାନସର ପ୍ରତିଟି ଦୋହା ତାଙ୍କ ତୁଣ୍ଡରେ। କେହି କେହି ୧୮ ଅଧ୍ୟାୟ ଗୀତାର ସମସ୍ତ ସାତ ଶହ ଶ୍ଳୋକ ମୁଖସ୍ଥ କରିଥାନ୍ତି। ସେମାନଙ୍କ ଏ ପ୍ରଜ୍ଞା ଆଗରେ ସତରେ ଆମ ମୁଣ୍ଡ ନଇଁଯାଏ। ଏହା ଖୁବ୍ ଭଲ କଥା କିନ୍ତୁ ଆମେ ଯେହେତୁ ଏଠି ଜ୍ଞାନ ଏବଂ ଖବର ବାବଦରେ ଆଲୋଚନା କରୁଛେ, ଏଇ ସ୍ଥଳରେ ଗୀତା, ଭାଗବତ ବା ଶାସ୍ତ୍ର ପୁରାଣକୁ ଘୋଷି ମନେ ରଖିବାକୁ ଜ୍ଞାନ କୁହାଯାଏ ନାହିଁ। ଏହାକୁ କିଛି ତଥ୍ୟ ବା ଖବର ଉପରେ ଆପଣଙ୍କ କର୍ତ୍ତୃତ୍ୱ ଅଛି ବୋଲି କୁହାଯାଇପାରେ। ଏହା ଆପଣଙ୍କୁ ମୋକ୍ଷ ଦେଇପାରିବ ନାହିଁ। କାରଣ ଏହା 'ଜ୍ଞାନ' ପଦବାଚ୍ୟ ନୁହେଁ। ଏହା 'ବିଦ୍ୟା' ନୁହେଁ 'ଅବିଦ୍ୟା'। ବିଦ୍ୟା ହେଉଛି ତାହା ଯାହା ଆମକୁ ମୁକ୍ତି ଦିଏ। ସା ବିଦ୍ୟା ଯା ବିମୁକ୍ତୟେ। ସେ ହିଁ ହେଉଛି ବିଦ୍ୟା, ଯାହା ଆମକୁ ମୁକ୍ତି ଦେଇଥାଏ। 'ମୁକ୍ତି' ବା 'ମୋକ୍ଷ' କେତେବେଳେ ମିଳିଥାଏ ? ଆମ ସମସ୍ତଙ୍କ ଗୋଟିଏ ଧାରଣା ଯେ ମୃତ୍ୟୁ ପରେ ମଣିଷ ମୁକ୍ତି ବା ମୋକ୍ଷ ପାଏ। ଏହା ସମ୍ପୂର୍ଣ୍ଣ ଭୁଲ୍ କଥା ପାଠକେ। ମଣିଷ ବଞ୍ଚିଥିବା ଅବସ୍ଥାରେ ହିଁ ତାକୁ ମୁକ୍ତି ବା ମୋକ୍ଷ ମିଳିଯାଇପାରେ। ମୁଁ କୁ ତ୍ୟକ୍ତ ବା ତ୍ୟାଗ କରିବା ତ ମୁକ୍ତି... ମୋହକୁ କ୍ଷୟ ଅର୍ଥାତ୍ ମୋହଶୂନ୍ୟ ଜୀବନ ହିଁ ମୋକ୍ଷ ପଦବାଚ୍ୟ। ଯାହାର ଜୀବନରେ ଅହଂକାର ନାହିଁ... ମୋହ ନାହିଁ, ସେ ବ୍ୟକ୍ତିଟି ମୁକ୍ତି ବା ମୋକ୍ଷ ପାଇଯାଇଛି ବୋଲି ଜାଣ। ପ୍ରକୃତ ଜ୍ଞାନ ଜାଣିଲେ ଅହଂକାର ଆସିବ ନାହିଁ। ତାହା ହେଉଛି ଆତ୍ମଜ୍ଞାନ। ଏହା ହିଁ ବିଦ୍ୟା। ତେଣୁ ଶ୍ଳୋକରେ କୁହାଗଲା – ବିଦ୍ୟା ଦଦାତି ବିନୟମ୍। ବିଦ୍ୟା ତାହା ଯାହା ବିଦ୍ୟାର୍ଥୀକୁ ବିନୟରେ ଭୂଷିତ କରାଇଥାଏ। ତେଣୁ ଆମ ସମସ୍ତଙ୍କର ଗତି ଆତ୍ମଜ୍ଞାନ ଆଡକୁ ଧାବିତ ହେବା ଦରକାର ।



କଥାଟି ଆମର ଅଟକିଥିଲା ୨୧୬୦୦ ଠେଇଁ। ଏତିକି ନିଃଶ୍ୱାସ ପ୍ରଶ୍ୱାସ ଯେତେବେଳେ ଆମ ନାସାଦ୍ୱାର ଦେଇ ୨୪ ଘଣ୍ଟାରେ ପ୍ରବାହିତ ହେଉଛି ସେତେବେଳେ ବିଭିନ୍ନ ପ୍ରକାର ଶବ୍ଦ ବା ସ୍ୱର ଦେଇ ହେଉଛି। ଠାକୁର ଅଭିରାମ ଆତ୍ମଜ୍ଞାନୀ ମହାତ୍ମା। ସେ କେବଳ ଠିକେ ଠିକେ ଏଠି ଚେତାଇ ଦେଇଛନ୍ତି । ଜ୍ଞାନୀ ଯିଏ ସେ ବୁଝିବେ। ଅଜ୍ଞାନୀ ବୁଝି ପାରିବେ ନାହିଁ। କ'ଣ ସେ ସ୍ୱର... କ'ଣ ସେ ଶବ୍ଦ.. ଠାକୁର କାହିଁକି ଲେଖିଲେ – ଢିଙ୍କିର ଶବଦ ଅଟେ ବଡ଼ ଭେଦ.. ଏସବୁ ହେଉଛି ଭିତିରି ଗହୀରର କଥା। ଶବଦରେ କାହିଁକି ଭେଦ ରହିବ... ସାଧାରଣ ଢିଙ୍କି ତ କୁଟିବା ବେଳେ ଗୋଟିଏ ପ୍ରକାର ଶବଦ କରି କୁଟି ଚାଲିଥାଏ। ତେବେ ଶରୀର ଭିତରେ ଥିବା ଢିଙ୍କିର କୁଟିବାର ସ୍ୱରରେ କାହିଁକି ଭେଦ ରହିଥାଏ ଆସନ୍ତୁ ତୁମ୍ଭକରେ ଏବଂ ସରଳ ଭାବରେ ଜାଣିବା ।

ସାଧାରଣ ଭାବେ ଆମେ ଆଗରୁ କହିଚୁ ଯେ ଯାହା ଅଛି ପିଣ୍ଡେ ତାହା ଅଛି ବ୍ରହ୍ମାଣ୍ଡେ। ସେଥିପାଇଁ ଶ୍ରୀମଦ୍‌ଭାଗବତରେ କୁହାଗଲା – ପିଣ୍ଡ ବ୍ରହ୍ମାଣ୍ଡ ଏକ ମତ। ଜାଣନ୍ତି ସୁଜ୍ଞାନୀ ପଣ୍ଡିତ। ସେଇ ହେଉଛି ଜ୍ଞାନୀ.. ସେଇ ହେଉଛି ପଣ୍ଡିତ.. ଯିଏ ପିଣ୍ଡ ଏବଂ ବ୍ରହ୍ମାଣ୍ଡ କଥା ଜାଣେ। ବ୍ରହ୍ମାଣ୍ଡରେ ଗତ ହେଉଥିବା ସମୟକୁ ଆମେ ତିନି ଭାଗରେ ବିଭକ୍ତ କରି ପାରିବା। ପ୍ରଥମ- ଦିନ, ଦ୍ୱିତୀୟ-ରାତି ଏବଂ ତୃତୀୟଟି ହେଉଛି ଦିନ-ରାତିର ମିଳନ ବା ସନ୍ଧି ସମୟ। ଏ ତିନି ପ୍ରକାରକୁ ଛାଡିଦେଲେ ଆଉ ଚତୁର୍ଥ ପ୍ରକାର କିଛି ନାହିଁ। ବ୍ରହ୍ମାଣ୍ଡରେ ଯେଉଁ ବ୍ୟବସ୍ଥା ପିଣ୍ଡ ଅର୍ଥାତ୍ ଆମ ଶରୀର ଭିତରେ ସେଇ ଅବସ୍ଥା। ଶରୀର ଭିତରେ ବି ଦିନ ହେଉଛି... ରାତି ହେଉଛି... ଏବଂ ସନ୍ଧି ସମୟ ବି ହେଉଛି । ଅନେକେ ଏ ତତ୍ତ୍ୱକୁ ଜାଣନ୍ତି ନାହିଁ ଆଜ୍ଞା । ଏଗୁଡିକୁ ନ ଜାଣିଲେ ଆପଣ ସାଧନ ପଥରେ ଅଗ୍ରଗତି କରି ପାରିବେ ନାହିଁ । ସାଧନ ତ ଦୂର କଥା,ଏ ଜ୍ଞାନକୁ ନ ଜାଣିଲେ ସାଧାରଣ ଜୀବନରେ ମଣିଷ ଠିକ୍ ଭାବେ ଚଳିପାରିବ ନାହିଁ। ହୋସପୂର୍ଣ୍ଣ ଜୀବନ ଜିଇପାରିବ ନାହିଁ। ଆମେ ସବୁ ବେହୋସପୂର୍ଣ୍ଣ ଜୀବନ ଅତିବାହିତ କରୁଛେ। ଏଣେ କହୁଚୁ ଆମେ ଜ୍ଞାନୀ! ଯେଉଁ ମନୁଷ୍ୟ ହୋସପୂର୍ଣ୍ଣ ଜୀବନ ଜିଉନି, ସେ ମନୁଷ୍ୟ ନୁହେଁ। ପଶୁ। ମନୁଷ୍ୟ କିଏ କି ? ଭାବର ଭାଷାରେ କୁହାଯାଇପାରେ-ମନ ହୋସ-ମନୁଷ୍ୟ। ଆମେ ଅନେକ ଡିଗ୍ରୀ ହାସଲ କରିଛେ-ଅନେକ ଭାଷା ଜାଣିଛେ-ଭଲ ଭାଷଣ ବା ପ୍ରବଚନ ଦେଇ ପାରୁଛେ-ବିଭିନ୍ନ କଳାରେ ବେଶ୍ ଦକ୍ଷତା ଅଛି ଆମର-ଅନେକ ଧନ ସମ୍ପତ୍ତି.. ଗାଡିଘୋଡ଼ା ଅଛି କିନ୍ତୁ ଜୀବନରେ ଆମର ହୋସ ନାହିଁ। ତେବେ ଜୀବନ ମାଟି। ମଲା ବେଳକୁ ଆମେ ଯାହାକୁ ଏଇଠି ଛାଡି ଦେଇଯିବା, ସେସବୁ ଜିନିଷକୁ ଗୋଟାଇବାରେ ଆମର ବେଶ୍ ନିଶା। ମରିପଡି ଗୋଟାଇ ଚାଲିଛୁ। ଦିନରାତି ଖିଆପିଆ ଭୁଲି ଧନ ସମ୍ପତ୍ତି ଗୋଟାଇବାରେ ଲାଗିପଡିଛୁ। ଗଣ୍ଡା ଗଣ୍ଡା ଏଟିଏମ୍ କାର୍ଡ। କାଇଁ ଗୋଟିଏ ଭଲା ସାଙ୍ଗରେ ଯାଆନ୍ତା। ଶବକୁ ପୋଡିବା ବେଳେ ଯଦି ହାତରେ ମୁଦିଟିଏ ରହିଯାଇଥିବ, ମାଲଭାଇମାନେ ପାଟି କରିବେ-କାଢ଼...କାଢ଼..କାଢ଼.. । ଶବ ପାଖରେ ଥିବା ଜିଅନ୍ତା ମଣିଷଟି ଆଖି ମିଟିମିଟି କରି ସବୁ ଦେଖୁଛି କିନ୍ତୁ ପର ମୁହୂର୍ତ୍ତରେ ନିଜେ ଶବ ଭଳି ବଞ୍ଚୁଛି। କାରଣ ତା'ର ହୋସ ରହୁନି।

ବ୍ରହ୍ମାଣ୍ଡରେ ଯେମିତି ତିନି ପ୍ରକାର ସମୟ ବିତୁଛି, ଅନୁରୂପ ଶରୀର ଭିତରେ ବି ସେଇୟା ହେଉଛି। ଶରୀର ଭିତରେ ଦିନ ହେଉଛି..ରାତିହେଉଛି...ସନ୍ଧିକ୍ଷଣ ଯାହାକୁ ଆଧ୍ୟାତ୍ମିକ ଭାଷାରେ 'ଯୁଗଳ' ସମୟ ବୋଲି କୁହାଯାଏ, ତାହା ବି ହେଉଛି। ବାହାରେ ଦିନ ହୋଇଥିବ। ସେତେବେଳେ ଶରୀର ଭିତରେ ଯେ ଦିନ ହୋଇଥିବ, ତାହାର କିଛି ଗ୍ୟାରେଣ୍ଟି ନାହିଁ। ଠିକ୍ ସେମିତି ବାହାରେ ଥିବ ରାତ୍ରି କିନ୍ତୁ ଭିତରେ ରାତ୍ରି ଥାଇପାରେ ବା ଦିନ ବି ଥାଇପାରେ। ଶରୀର ଭିତରେ ଯେତେବେଳେ ଦିନ ହୋଇଥିବ ସେତେବେଳେ ହିଁ ଜଣେ ଭୋଜନ କରି ପାରିବ। ଶରୀର ଭିତରେ ରାତ୍ରି ହୋଉଥିଲେ ଖାଇବା ମନା। ଶରୀର ଭିତରେ ଦିନ ହୋଇଥିଲେ ଜଣେ ଗାଧୋଇ ପାରିବ। ରାତି ହୋଇଥିଲେ ଗାଧୋଇବା ମନା। ଧ୍ୟାନ କରିବାର ପ୍ରକୃଷ୍ଟ ସମୟ କେଉଁଟା ? ବ୍ରହ୍ମାଣ୍ଡରେ ଆମକୁ ସନ୍ଧ୍ୟା ବା ପାହାନ୍ତା ସମୟରେ ଧ୍ୟାନ କରିବାର ପ୍ରକୃଷ୍ଟ ସମୟ ବୋଲି କୁହାଯାଇଛି । ସନ୍ଧ୍ୟା ବା ପାହାନ୍ତା ସମୟ ହେଉଛି ଦିନ-ରାତିର ମିଳନ ସ୍ଥଳ। ଯୁଗଳ ସମୟ। ଶରୀର ଭିତରେ ଠିକ୍ ଯେତେବେଳେ ଯୁଗଳ ସମୟ ଚାଲିଥିବ, ସେ ସମୟ ଉଣ୍ଡି ଧ୍ୟାନ କଲେ ଧ୍ୟାନର ଗଭୀରତା ପ୍ରାପ୍ତ ହୁଏ।

ତେବେ ଆମ ଶରୀର ଭିତରେ କେତେବେଳେ ଦିନ... ରାତି... ଏବଂ ଯୁଗଳ ସମୟ ଆସେ ସେ ବିଷୟରେ ଆମେ ପରବର୍ତ୍ତୀ ଅଧ୍ୟାୟରେ ଆଲୋଚନା କରିବା। ମଥୁରାରେ କୃଷ୍ଣ କାହିଁକି ଜନ୍ମ ହେଲେ... ପୁଣି ଦିନ ନୁହେଁ ରାତ୍ରିରେ କାହିଁକି, ସେ କଥାକୁ ଆମେ ପରବର୍ତ୍ତୀ ସ୍ତମ୍ଭରେ ଆଲୋଚନା କରିବା।

*-ସମ୍ପାଦକ, ଦିବ୍ୟାଲୋକ ସନ୍ଧାନେ,*
*ରାମନଗର, ତେଲେଙ୍ଗାପେଣ୍ଠ, କଟକ*
*ମୋ: ୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା




### ପାପୁଲିଏ ବିଶ୍ୱାସ


**ପ୍ରକାଶ ଚନ୍ଦ୍ର ରାଉତ, ପ୍ରକାଶକ- ବନଫୁଲ ପ୍ରକାଶନୀ ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ମୂଲ୍ୟ-୧୬୫ଟଙ୍କା**

**ପୁ**ସ୍ତକରେ ୫୧ଟି କବିତା ପ୍ରକାଶ ପାଇଛି। ଦ୍ୱିତୀୟ କବିତାର ନାଁରେ ପୁସ୍ତକର ନାମକରଣ କରାଯାଇଛି। ସେଇ ପାପୁଲିଏ ବିଶ୍ୱାସ/ ଚଣ୍ଡାଳୁଣୀକୁ ଦେଇପାରେ ସାଆନ୍ତାଣୀର ସମୃଦ୍ଧି (ପୃଷ୍ଠା-୧୩)। ବିଶ୍ୱାସ ବିନା କିଛି ହୋଇପାରିବ ନାହିଁ। ସେହି ବିଶ୍ୱାସ ଦ୍ୱାରା ଜଣେ କିପରି ସମୃଦ୍ଧି ପାଇପାରିବ ସେ ସମ୍ପର୍କରେ କବି ବୁଝାଇଛନ୍ତି। କବିତାଗୁଡିକରେ ଅନୁଭବ, ଆନ୍ଦୋଳନ ଆଉ ବିଶ୍ୱାସର ଛାପ ଦେଖିବାକୁ ମିଳେ। ଆମ ଚାରିପାଖରେ ଘଟୁଥିବା ଘଟଣାବଳୀ କେତେକ କବିତାରେ କବି ଫୁଟାଇଛନ୍ତି। ତେଣୁ ପୁସ୍ତକର ଯେ କୌଣସି କବିତା ମଧୁର ଦହନ ହେଉ କିମ୍ବା ଛଦ୍ମବେଶ ହେଉ ଯାହାକୁ ପଢନ୍ତୁ ତାହା ନିଶ୍ଚୟ ପାଠକକୁ ମୋହାଚ୍ଛନ୍ନ କରିବ ଏଥିରେ ସନ୍ଦେହ ନାହିଁ।

### ଅନୁରାଗର ରଙ୍ଗ

**ମାଙ୍ଗଳିକା ଦାସ, ପ୍ରକାଶକ- ବନଫୁଲ, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର-୧, ମୂଲ୍ୟ-୧୬୦**


**ଜୀ**ବନ ହେଉଛି ପ୍ରେମ ଓ ବିଶ୍ୱାସର ନୈସର୍ଗିକ ଉପଲବ୍ଧି। ଚିରୁଡାଏ ବିଶ୍ୱାସ, ଆଞ୍ଜୁଳାଏ ପ୍ରେମ ଜୀବନ ପାତ୍ରକୁ ପୂର୍ଣ୍ଣ କରିଦିଏ। ଦାମ୍ପତ୍ୟ ଜୀବନରେ ଭରିଦିଏ ଗୋଲାପର ଶିହରଣ। ତା' ଅନୁରାଗର ସମର୍ପଣରେ ବିତିଚାଲେ ତମାମ ଜୀବନ। ଏମିତି ଏକ ସମ୍ମୋହନର ଚିତ୍ରିତ ବର୍ଣ୍ଣାଳୀକୁ ପାଠକଙ୍କ ସମ୍ମୁଖରେ ଟେକି ଧରିଛି ଅଧ୍ୟାପିକା ମାଙ୍ଗଳିକା ଦାସଙ୍କ କବିତା ପୁସ୍ତକ 'ଅନୁରାଗର ରଙ୍ଗ'। ଏହା କବୟିତ୍ରୀଙ୍କ ସପ୍ତମ କବିତା ପୁସ୍ତକ। କବିତାଗୁଡିକରେ ଜୀବନକୁ ବୁଝିବାର, ଶିଖିବାର ସର୍ବୋପରି ବଞ୍ଚିବାର କଳାତ୍ମକ ଭାବବୋଧକୁ କବୟିତ୍ରୀ ନିଆରା କାବ୍ୟିକ ଶୈଳୀରେ ଉପସ୍ଥାପନା କରିଛନ୍ତି। ପୁସ୍ତକର ପ୍ରତିଟି କବିତାକୁ ସତର୍କତାର ସହ ଶବ୍ଦରେ ସଜେଇଛନ୍ତି ଲେଖିକା। ଯେ କୌଣସି କବିତା ପଢିଲେ ପାଠକଙ୍କୁ ନିଆରା ଅନୁଭବ ଦେବ।



ବ୍ୟାକ୍ ପେଜ୍

# ରୋବୋ ବଟ୍‌ଲର

କିଛି ହୋଟେଲ ଓ ରେଷ୍ଟୁରାଣ୍ଟରେ ଆଜିକାଲି ରୋବୋ ରଖାଯାଉଥିବା ଦେଖିଥିବେ। ଏମାନେ ମଣିଷଙ୍କ ଭଳି ସବୁ କାମ କରି ନ ପାରିଲେ ବି ଛୋଟମୋଟ କାମ କରିଥାନ୍ତି। ତେବେ ନରୱେର ରୋବୋଟିକ କମ୍ପାନୀ ୧ଏକ୍ସ ଆଣିଛି ଏମିତି ଏକ ରୋବୋ, ଯାହାକି ମଣିଷଙ୍କ ଭଳି ଅନେକ କାମ କରିପାରେ। 'ନିଓ ଗାମା' ନାମକ ଏହି ରୋବୋ ହେଉଛି ଏକ ଏଆଇ ପାୱାରଡ୍ ବାଇପେଡାଲ ହ୍ୟୁମାନଏଡ ରୋବୋ, ଯାହାକି କୌଣସି ରେଷ୍ଟୁରାଣ୍ଟରେ ବଟ୍‌ଲରର କାମ କରିପାରେ। ତା'ସହ ଘରର ବି ଅନେକ କାମ କରିପାରେ। ଯେମିତିକି ଭାକ୍ୟୁମ କ୍ଲିନର୍‌ରେ ଘର ସଫା କରିବା, କପ୍‌ରେ ଚା' ଢାଳି ଚା' ସର୍ଭ



କରିବା, ଘରେ ଅସଜଡ଼ା ହୋଇ ରହିଥିବା ଜିନିଷକୁ ସଜାଡିବା, ତଳେ ପଡ଼ିଥିବା ଜିନିଷ ଉଠାଇବା ଆଦି କରିପାରେ। ଏହି ରୋବୋ ଅନ୍ୟ ରୋବୋ ଅପେକ୍ଷା ବହୁତ ଫ୍ଲେକ୍ସିବଲ୍। ତେଣୁ ଆଗକୁ ନଇଁ ତଳୁ ଜିନିଷ ଗୋଟାଇବା ସହ ନିଜେ ଚେୟାରରେ ମଧ୍ୟ ବସିପାରେ। ଅନ୍ୟ ରୋବୋ ଅପେକ୍ଷା ଏହା କମ୍ ଶବ୍ଦ ବାହାର କରେ। ଏଥିରେ ଥିବା ବିଲ୍ଟ ଇନ୍ ମାଇକ୍ରୋ ଫୋନ୍ ପାଇଁ ଏହା ମଣିଷର କମାଣ୍ଡକୁ ବେଶି ଭଲଭାବେ ରେସ୍‌ପନ୍ସ କରେ। ଛୋଟ ଛୋଟ ବାର୍ତ୍ତାଳାପ କରିପାରେ। ତା'ସହ ସଙ୍ଗୀତ ବି ବଜାଇପାରେ।



# ଡ୍ରାଗନ୍ ଟେମ୍ପୁଲ

ଥାଇଲାଣ୍ଡର ରାଜଧାନୀ ଟୋକିଓଠାରୁ ପ୍ରାୟ ୪୦ କି.ମି. ଦୂର, ନାଖୋନ ପଥୋମ ପ୍ରାନ୍ତରେ ଅଛି ଏକ ଅଜବ ମନ୍ଦିର, ଯାହାକୁ ଦେଖିବା ମାତ୍ରେ ଭୟ ଲାଗିବ। କାରଣ ଏହି ସିଲିଣ୍ଡର ଆକାରର ଉଚ୍ଚା ମନ୍ଦିରରେ ଗୁଡେଇ ହୋଇ ରହିଛି ଏକ ବିରାଟକାୟ ଡ୍ରାଗନ। ଉକ୍ତ ଅଜବ ମନ୍ଦିରର ନାଁ ହେଉଛି 'ୱାଟ ସମ୍ପ୍ରାନ୍ ଡ୍ରାଗନ ମନ୍ଦିର'। ୧୭ ମହଲାବିଶିଷ୍ଟ ସିଲିଣ୍ଡର ଆକୃତିର ଏହି ମନ୍ଦିରର ତଳଭାଗରୁ ଉପର ପର୍ଯ୍ୟନ୍ତ ଏକ ଡ୍ରାଗନ ଗୁଡେଇ ହୋଇ ରହିଥାଏ, ଯାହାର ଲମ୍ବ ୮୦ମିଟର। ଏହା ବାଦ୍ ମନ୍ଦିରର ଶାନ୍ତ, ନିର୍ମଳ ପରିବେଶ ଓ ଅଜବ ନିର୍ମାଣଶୈଳୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହି ଟାୱର ସଦୃଶ ମନ୍ଦିରର ଆଭ୍ୟନ୍ତରୀଣ ଭାଗ ଜଟିଳ ଏବଂ ଧାର୍ମିକ କଳାକୃତି ଓ ମୂର୍ତ୍ତିରେ ଭରି ରହିଛି। ଯାହାକି ଥାଇଲାଣ୍ଡର ବୌଦ୍ଧ ସଂସ୍କୃତି ଓ ସମୃଦ୍ଧ ଇତିହାସର କଥା କହେ। ଏଠାରେ ଭକ୍ତ ଓ ପର୍ଯ୍ୟଟକ ଏକ ନିଆରା ଅନୁଭୂତି ପାଇଥାନ୍ତି।



# ପନିପରିବା ବାଦ୍ୟଯନ୍ତ୍ରରେ କନ୍‌ସର୍ଟ



ଟଟକା ପନିପରିବା ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ସମସ୍ତେ ଜାଣନ୍ତି। ସେଥିପାଇଁ ତ ପନିପରିବାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରାୟ ସମସ୍ତେ ସାମିଲ କରିଥାନ୍ତି। ତେବେ ଜାଣନ୍ତି କି ପନିପରିବାରୁ ବାଦ୍ୟଯନ୍ତ୍ର ବି ତିଆରି ହୋଇପାରେ ? ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସତ। ପନିପରିବାରେ କେବଳ ଯେ ବାଦ୍ୟଯନ୍ତ୍ର ତିଆରି ହୋଇପାରୁଛି ତାହା ନୁହେଁ ଏହି ବାଦ୍ୟଯନ୍ତ୍ରକୁ ନେଇ ଏକ ମ୍ୟୁଜିକାଲ ବ୍ୟାଣ୍ଡ ବି କରାଯାଇଛି। ଆଉ ଏହି ବ୍ୟାଣ୍ଡ ବିଭିନ୍ନ ପ୍ରକାର ପନିପରିବାର ବାଦ୍ୟଯନ୍ତ୍ରକୁ ବ୍ୟବହାର କରି କନ୍‌ସର୍ଟ କରୁଛି। ଏହି ବ୍ୟାଣ୍ଡ ଗିନିଜ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ବି ସାମିଲ ହୋଇଛି। ଉକ୍ତ ଭେଜିଟେବ୍‌ଲ ଅର୍କେଷ୍ଟ୍ରା ଅଷ୍ଟ୍ରିଆର ଭିଏନାରେ ଅଛି। ସବୁଠାରୁ ଅଧିକ ଭେଜିଟେବ୍‌ଲ ବାଦ୍ୟଯନ୍ତ୍ର ବ୍ୟବହାର କରି କନ୍‌ସର୍ଟ କରିବାର ଏହି ଅର୍କେଷ୍ଟ୍ରା ରେକର୍ଡ ବି ଅଛି। ମୋଟ ୧୧ଟି ଭେଜିଟେବ୍‌ଲ ବାଦ୍ୟଯନ୍ତ୍ର ଥିବା ଏହି ଅର୍କେଷ୍ଟ୍ରାକୁ ୧୯୯୮ରେ ଅଷ୍ଟ୍ରିଆର ଭିଏନାରେ ଗଢାଯାଇଥିଲା। ସେବେଠାରୁ ଆଜିଯାଏ ଏହି ବ୍ୟାଣ୍ଡ ୩୪୪ଟି କନସର୍ଟ କରିସାରିଲାଣି। ପନିପରିବା ବାଦ୍ୟଯନ୍ତ୍ର ଭିତରେ ଗାଜରର ରେକର୍ଡର, କୁକୁମ୍ବରଫୋନ୍, ମୂଳାର ବଂଶୀ, ବାଇଗଣ ଓ ପିଆଜ ଷଣ୍ଢାର ଭାଓଲିନ ଆଦି ରହିଛି। ପ୍ରତି କନ୍‌ସର୍ଟ ପାଇଁ ଏମାନଙ୍କୁ ନୂଆ ବାଦ୍ୟଯନ୍ତ୍ର କରିବାକୁ ପଡ଼େ। କାରଣ ପନିପରିବା ବାଦ୍ୟଯନ୍ତ୍ର କିଛି ସମୟ ପରେ ଶୁଖିଯାଏ ଅବା ପଚିଯାଏ। ଏହାଛଡ଼ା ସବୁ ବାଦ୍ୟଯନ୍ତ୍ରର ବ୍ୟାକ୍‌ଅପ୍ ରଖିବାକୁ ପଡ଼େ। କାରଣ ଏହି ବାଦ୍ୟଯନ୍ତ୍ର ନଷ୍ଟ ହୋଇଯିବାର ଆଶଙ୍କା ଥାଏ। କନ୍‌ସର୍ଟ ପରେ ଏହି ପନିପରିବାର ସୁପ୍ ପ୍ରସ୍ତୁତ କରି ଦର୍ଶକଙ୍କୁ ଦିଆଯାଏ। ଏଭଳି ଅଜବ କନ୍‌ସର୍ଟ କରିବାର ଉଦ୍ଦେଶ୍ୟ ହେଉଛି ସମସ୍ତଙ୍କୁ ଏହା ଜଣାଇବା ଯେ, ସବୁଥିରୁ ସୁମଧୁର ଧ୍ୱନ୍ ବାହାର କରିହେବ। ଏମିତିକି ପନିପରିବାରୁ ବି।